# ଯୋଗ୍ୟ ବ୍ୟକ୍ତିଙ୍କୁ ରାଶନ କାର୍ଡ, ଆବାସ ଦେବାକୁ ନିର୍ଦ୍ଦେଶ

## କୋରେଇ ବ୍ଲକ୍‌ରେ ବିଧାୟକଙ୍କ ସମୀକ୍ଷା

■ ୫-ଟି ସ୍କୁଲ୍ କାର୍ଯ୍ୟରେ ଦୁର୍ନୀତି ହୋଇଥିଲେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ

କୋରେଇ,୫।୭(ଚନ୍ଦ୍ରକାନ୍ତ ପତି)



କୋରେଇ ବ୍ଲକ ସମୀକ୍ଷା ବୈଠକରେ ଉପସ୍ଥିତ ବିଧାୟକ ଏବଂ ଅଧିକାରୀମାନେ।

ବିଧାୟକ ଆକାଶ ଦାସନାୟକଙ୍କ ଉପସ୍ଥିତରେ କୋରେଇ ବ୍ଲକ୍ କାର୍ଯ୍ୟାଳୟରେ ଶୁକ୍ରବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅଶୋକ କୁମାର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମସ୍ତ ବିଭାଗର ଅଧିକାରୀ ସାମିଲ ହୋଇ ବିଧାୟକଙ୍କ ପ୍ରଶ୍ନର ଉତ୍ତର ରଖିଛନ୍ତି। ପ୍ରଥମେ ବ୍ଲକ କାର୍ଯ୍ୟାଳୟର ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ନେବା ଦିଗରେ ଆଲୋଚନା ହୋଇଛି। ଏଥିସହ ବ୍ଲକ ଅଧୀନରେ ଚାଲୁ ରହିଥିବା ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ସହିତ ଶେଷ ହୋଇଥିବା କାର୍ଯ୍ୟର ସମୀକ୍ଷା କରାଯାଇଛି। ଭତ୍ତା, ରାଶନକାର୍ଡ ଏବଂ ଆବାସରେ ପାନ୍ତରଅନ୍ତର ନ କରି ଯୋଗ୍ୟ ବ୍ୟକ୍ତିଙ୍କୁ ଏହି ଯୋଜନାରେ ସାମିଲ କରିବାକୁ ବିଧାୟକ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ଏବଂ କାମ ଚାଲୁଥିବା ସମସ୍ତ ୫-ଟି ସ୍କୁଲର ତଦାରଖ ସହିତ କାର୍ଯ୍ୟର ମାନ ଯାଞ୍ଚ କରାଯିବ ବୋଲି ବିଧାୟକ ଦାସନାୟକ କହିଛନ୍ତି। ୫-ଟି ଜରିଆରେ କୋରେଇର ଅନେକ ହାଇସ୍କୁଲ ଉନ୍ନତିକରଣ ନାମରେ କେବଳ ରଙ୍ଗବୋଳି ବିପୁଳ ଅର୍ଥ ଆତ୍ମସାତ୍ କରାଯାଇଛି ବୋଲି ଅଭିଯୋଗ ହୋଇଛି। ତେଣୁ ଖୁବ୍‌ଶୀଘ୍ର ଏହାର ତଦନ୍ତ କରାଯିବ ଏବଂ ଯଦି ଏହା ସତ ପ୍ରମାଣିତ ହୁଏ ତେବେ ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଧାୟକ ପ୍ରକାଶ କରିଛନ୍ତି।

ଏଥିସହିତ କୋରେଇର କେତେକ ସ୍ଥାନରେ ମଡେଲ ଅଙ୍ଗନୱାଡି ସ୍ଥାପନ ହେବ। ଯେଉଁ ସ୍ଥାନରେ ଅଙ୍ଗନୱାଡି କେନ୍ଦ୍ରନାହିଁ, ସେଠାରେ ନୂତନ ଅଙ୍ଗନୱାଡି ସ୍ଥାପନ କରିବାକୁ ବିଧାୟକ ମତବ୍ୟକ୍ତ କରିଛନ୍ତି। ସେହିପରି ଜହ୍ନା ପଞ୍ଚାୟତରେ ଏକ ଷ୍ଟାଡିୟମ ନିର୍ମାଣ ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବାକୁ ଉକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତ। ଦୀର୍ଘବର୍ଷ ହେବ ଅଧାପନ୍ତରିଆ ହୋଇ ପଡ଼ି ରହିଥିବା କୋରେଇ ଭବନ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରିବାକୁ ବିଧାୟକ କହିଛନ୍ତି। ଅନ୍ୟପକ୍ଷରେ ଜଳସମସ୍ୟା ଦୂରୀକରଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରତି ପଞ୍ଚାୟତରେ ଚାରାରୋପଣକୁ ଗୁରୁତ୍ୱ ଦିଆଯିବ। ସେହିପରି ସମସ୍ତ କାର୍ଯ୍ୟରେ ସ୍ୱଚ୍ଛତା ରହିବା ନିତ୍ୟାନ୍ତ ଆବଶ୍ୟକ ବୋଲି ବିଧାୟକ ମତ ରଖିବା ସହ କୋରେଇ ନିର୍ବାଚନମଣ୍ଡଳୀକୁ ରାଜ୍ୟରେ ୧ ନମ୍ବର କରି ଗଢ଼ି ତୋଳିବା ନିମନ୍ତେ ବିଧାୟକ ସମସ୍ତ ଅଧିକାରୀଙ୍କ ସହଯୋଗ ଲୋଡ଼ିଛନ୍ତି। ବୈଠକରେ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳେଇ, ବ୍ଲକର ସମସ୍ତ କର୍ମଚାରୀ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ଉପାଧ୍ୟକ୍ଷ ପ୍ରଫୁଲ୍ଲ ଦାସ ଧନ୍ୟବାଦ ଦେଇଥିଲେ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ସମାବେଶ



ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଧର୍ମଶାଳା,୫।୭(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ସମାବେଶ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଆଶାତରୁ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଜିଲା ସଭାପତି ରବି ଶତପଥୀ, ସମ୍ପାଦକ ବିବେକାନନ୍ଦ ନାୟକ, ଉପଦେଷ୍ଟା ରମାକାନ୍ତ ଜେନା ପ୍ରମୁଖ ଯୋଗଦେଇ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋକପାତଥିଲେ।

ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ଚିକିତ୍ସା ଭତ୍ତା, ସ୍ୱାସ୍ଥ୍ୟ ବୀମା କରିବାକୁ ବିଧାୟକଙ୍କ ନିକଟରେ ଦାବି କରାଯାଇଥିଲା। ଏଥିସହ ଧର୍ମଶାଳା ବ୍ଲକ ସଂଘର ଏକ ସ୍ଥାୟୀ ଗୃହ ନିର୍ମାଣ କରିବାକୁ ସଂଘର ସଦସ୍ୟ ଡ. ରାଜକିଶୋର ପାଢ଼ୀ, ଅଭିରାମନନ୍ଦ, ଇଂ. ନିରଞ୍ଜନ ମିଶ୍ର, ବିଭୁତି ଭୁଷଣ ପାଳ, ଅନନ୍ତ ଚରଣ ରାଉତ, କୁଳମଣି ନାୟକ, ଶିବ ପ୍ରସାଦ ଜେନା, କୁଳମଣି ଦାସ ଓ ଶଶି ଭୁଷଣ ଦ୍ୱାରୀ ପ୍ରମୁଖ ବିଧାୟକଙ୍କ ନିକଟରେ ଦାବି କରିଥିଲେ। ସଂଘର ଦାବିଗୁଡିକୁପୂରଣ କରିବା ନିମନ୍ତେ ଉଦ୍ୟମ କରିବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସଂଘ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜୟ କୁମାର ମିଶ୍ର ମାନପତ୍ର ପାଠ କରିଥିଲେ। ପଣ୍ଡିତ ବିଜୟ କୁମାର କର ମଙ୍ଗଳାଚରଣ ଆବୃତି କରିଥିଲେ। ବ୍ଲକ ସଂଘର ସମ୍ପାଦକ ପ୍ରଫୁଲ୍ଲ ସ୍ୱାଇଁ ସୂଚନା ପ୍ରଦାନ କରିଥିବାବେଳେ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପଣ୍ଡିତ ବ୍ରଜ କିଶୋର ଦାଶ ଧନ୍ୟବାଦ ଦେଇଥିଲେ।

# କଣ୍ଟିଗଡ଼ିଆର ଦ୍ୱିତୀୟ କୁସୁମା ନିର୍ମାଣରେ ଅନିୟମିତତା

ଧର୍ମଶାଳା,୫।୭(ବଟକୃଷ୍ଣ ପରିଡ଼ା)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ କଣ୍ଟିଗଡ଼ିଆଠାରେ ଦ୍ୱିତୀୟ କୁସୁମା ପ୍ରକଳ୍ପ ନିର୍ମାଣରେ ବ୍ୟାପକ ଅନୟମିତତା ହୋଇଥିବା ଅଭିଯୋଗ ହୋଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଏହି ଅଭିଯୋଗ କରିବା ସହ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ କଣ୍ଟିଗଡ଼ିଆସ୍ଥିତ ବଡ଼ପୋଖରୀକୁ ପୁନରୁଦ୍ଧାର ଓ ସୋନ୍ଦର୍ଯ୍ୟକରଣ ପାଇଁ ପୂର୍ବତନ ବିଧାୟକ ସେଠାରେ କାର୍ଯ୍ୟ ଆରମ୍ଭ କରିଥିଲେ। ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଏଠାରେ ବୋଟିଂ, ଲାଇଟ ମ୍ୟୁଜିକ ଆଦି ବ୍ୟବସ୍ଥା ରହିଥିଲା। ପ୍ରଥମ ପର୍ଯ୍ୟାୟରେ ବ୍ଲକ ପକ୍ଷରୁ ଏହି କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହାର ନିର୍ମାଣ ପାଇଁ ପାଖା ପାଖି ୧୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ୨୦୧୯ରୁ ଏହି ପୋଖରୀ କାମ ଆରମ୍ଭ ହୋଇଥିଲା। ୨୦୨୧ରେ ପର୍ଯ୍ୟଟନ ବିଭାଗ ଦ୍ୱାରା ଠିକାଦାରଙ୍କ ମାଧ୍ୟମରେ ଏହାର ନିର୍ମାଣ କାର୍ଯ୍ୟ କରାଯାଉଥିଲେ ମଧ୍ୟ ଅଦ୍ୟାବଧି ଶେଷ ହୋଇପାରିନାହିଁ, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଠାରେ ଏହି ପ୍ରକଳ୍ପ ନିର୍ମାଣ ହେଉଥିବାବେଳେ ପୋଖରୀକୁ ଅଧିକ ଗଭୀର କରୁଥିବାରୁ ନିକଟରେ ଥିବା ଚାଷ ଜମି, କୁଅ, ଗାଡ଼ିଆରୁ ପାଣି ଶୁଖି ଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ରାସ୍ତାରେ ଖାଲ, ପୋଲ ଉପରେ ବାଲି



ରାସ୍ତାରେ ସୃଷ୍ଟି ହୋଇଥିବା ଗର୍ତ୍ତ।

## ବଢୁଛି ଦୁର୍ଘଟଣା

ଯାଜପୁର ସଦର,୫।୭(ସମର ବିଜୟ ଶରଣ)

କୁଆଖିଆରୁ ଯାଜପୁର ଟାଉନକୁ ଯାଇଥିବା ୨୦ ନମ୍ବର ଜାତୀୟ ରାଜପଥର ଖରସ୍ରୋତା ପୋଲ ଓ ବୁଢ଼ା ନଦୀ ପୋଲରେ କୁଢ କୁଢ଼ ବାଲି ଜମି ହୋଇ ରହିଥିବା ଦେଖାଯାଇଛି। ପ୍ରାୟ ୧ ଫୁଟ୍ ବହଳର ବାଲି ଜମି ଥିବାବେଳେ ବିଭିନ୍ନ ଗଛ ଲତା ବି ବଢ଼ିଯାଇଛି। ଏହାବାଦ ଖରସ୍ରୋତା ନଦୀ ନିକଟରୁ ଯାଜପୁର ମାନସା ପୋଲ ପର୍ଯ୍ୟନ୍ତ ରାସ୍ତାକଡ଼ରେ ମଧ ବାଲି ଜମି ରହିଛି। ଜିଲା ମୁଖ୍ୟ କାର୍ଯ୍ୟାଳୟକୁ ଏହା ମୁଖ୍ୟ ରାସ୍ତା। କିନ୍ତୁ ଏବେ ଏହା ମରଣଯନ୍ତା ପାଲଟିଛି। ବାଲି ବୋଝେଇ ଭାରିଯାନ ଚଳାଚଳ କରୁଥିବାରୁ ମୁଖ୍ୟ ରାସ୍ତା ଏବେ ବିପଦରେ।

ସେହିପରି ଓଭର ଲୋଡ ଗାଡ଼ିଗୁଡ଼ିକରୁ ପାଣି ମିଶା ବାଲି ପଡୁଥିବାରୁ ରାସ୍ତାରେ ବାଲି ଜମିବା ସହ ରେନ କଟ ହୋଇ ଗର୍ତ୍ତ ସୃଷ୍ଟି ହେଉଛି। ଯାହାକି ଆହୁରି ବିପଦ ସୃଷ୍ଟି କରିଛି। ଫଳରେ ବାଇକ ଆରୋହୀମାନେ ପ୍ରତ୍ୟେକ ଦିନ ଦୁର୍ଘଟଣାଗ୍ରସ୍ତ ହେଉଥିବା ଦେଖାଯାଇଛି। ସେହିପରି ଅବଦଲପୁର, କଲେଜ ଛକ ଓ ଲଳିତେଶ୍ୱରର ମାନସା ପୋଲ ଛକ ନିକଟରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ରାସ୍ତାରେ ବିଦ୍ୟାଳୟ ଓ କଲେଜକୁ ଯାଉଥିବା ଛାତ୍ରୀଛାତ୍ର ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାରେ ପ୍ରତ୍ୟେକ ଦିନ ଜିଲାର ପ୍ରଶାସନିକ ଅଧିକାରୀ ଯାତାୟାତ କରୁଥିଲେ ମଧ କେହି ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଦେଖାଯାଇଛି। ବିଭାଗୀୟ ଅଧିକାରୀ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ସବୁଜ ଓଡ଼ିଶା ପରିବାର ପକ୍ଷରୁ ଚାରାରୋପଣ




ସବୁଜ ଓଡ଼ିଶା ପରିବାର ପକ୍ଷରୁ ଚାରାରୋପଣ କରାଯାଉଛି।

ରସୁଲପୁର,୫।୭(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଓଡ଼ିଶୋ ପଞ୍ଚାୟତ ଅଣ୍ଡେଇଘୋଡ଼ା ଗ୍ରାମରେ ସବୁଜ ଓଡ଼ିଶା ପରିବାର ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଭାଜପା ରାଜ୍ୟ ମୁଖପାତ୍ର ପବିତ୍ର ମୋହନ ଦାଶ ଯୋଗଦେଇ ଚାରାରୋପଣ କରିଥିଲେ। ସବୁଜ ଓଡ଼ିଶା ପରିବାରର ଆବାହକ ବିଶ୍ୱଜିତ ନାୟକ, ଉପଦେଷ୍ଟା ପ୍ରମୋଦ ଜେନା, ସାମାଜିକ କର୍ମୀ ଦାମୋଦର ନାୟକ, ନିରୋଜ ନାୟକ, ଅନିଲ ନାୟକ, ଦେବୀପ୍ରସାଦ ସାମଲ, ଅଭୟ ନାୟକ, ଅରବିନ୍ଦ ରାଉତ, ଉଦୟଭାନୁ ବେହେରା, ବିଜୟ ବେହେରା, ଲକ୍ଷ୍ମୀଧର ରାଉତ, ତାପସ ନାୟକ, ସୁରେଶ ନାୟକ, ସୁକାନ୍ତ ନାୟକ, ବିରେଶ ରାଉତ, ନେରେଶ ନାୟକ, ବିକ୍ରମ ଦାଶ, ନିରଞ୍ଜନ ଖିଲାର ଓ ଦୀପ୍ତିମୟ ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନୁଷ୍ଠାନ ତରଫରୁ ୨୦୦ ଚାରା ଲଗାଯାଇଛି। ଉକ୍ତ ଚାରାଗୁଡ଼ିକର ଯତ୍ନ ନେବାକୁ ଗ୍ରାମବାସୀ ଶପଥ ନେଇଛନ୍ତି। ଏହି ପରିବାର ପକ୍ଷରୁ ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯିବ ବୋଲି ସୂଚନା ଦିଆଯାଇଛି।

# ଇନ୍ଦିରା ଗାନ୍ଧୀ ମହାବିଦ୍ୟାଳୟରେ ଚାରାରୋପଣ




ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ।

ଯାଜପୁରରୋଡ୍,୫।୭(ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗରସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଜାତୀୟ ସେବା ଯୋଜନା ପକ୍ଷରୁ ଚାରାରୋପଣ କରାଯାଇଛି। ଜାତୀୟ ସେବା ଯୋଜନାର ସଂଯୋଜିକା ଅଧ୍ୟାପିକା ସୁଚିସ୍ମିତା ବେହେରାଙ୍କ ତତ୍ତ୍ୱାବଧନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଅଧକ୍ଷ ରତ୍ନାକର ଜେନା ଯୋଗଦେଇ ଚାରାରୋପଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ପରିସରରେ ଶାଗୁଆନ, ଶିଶୁ, ଚାକୁଣ୍ଡା, ଉଇକେଲପଟାସ, ନିମ ଆଦି ବନ୍ୟ ଚାରା ଛାତ୍ରୀମାନଙ୍କ ଦ୍ୱାରା ରୋପଣ କରାଯାଇଥିଲା। ପ୍ରଶାନ୍ତ ଦାସ ଓ କବିତା କଲ୍ଲୋଳିନୀ ସିହ୍ନାଙ୍କ ସମେତ ଜାତୀୟ ସେବା ଯୋଜନାର ଛାତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

କାଏମା,୫।୭(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ଥାନା ଅନ୍ତର୍ଗତ କାଏମା ପଞ୍ଚାୟତର ଗୋପନଗର ନଦୀବନ୍ଧ ରାସ୍ତାରେ ବାଇକ ଦୁର୍ଘଟଣାରେ ଗୁରୁତର ହୋଇଥିବା ଯୁବକ ସୌମ୍ୟରଞ୍ଜନ ମଳିକଙ୍କ ମୃତ୍ୟୁ ହୋଇଛି। ସୌମ୍ୟରଞ୍ଜନ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗୁରୁବାର ରାତି ୨ଟାରେ ତାଙ୍କର ମୃତ୍ୟୁ ହୋଇଛି। ସୌମ୍ୟରଞ୍ଜନ ପରିବାରର ଗୋଟିଏ ପୁଅ ଥିଲେ। ସେ ଦିନ ମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡ଼ିଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟାଖେଳିଯାଇଛି। କଟକ ବଡ ଡାକ୍ତରଖାନାରୁ ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ଶୁକ୍ରବାର ସନ୍ଧ୍ୟାରେ ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସୂଚନା ମୁତାବକ, ଗୋପନଗର ଗ୍ରାମ ନିକଟ କେଲୁଅ ନଦୀ ନଦୀବନ୍ଧ ରାସ୍ତାରେ ସୋମବାର ରାତି ପ୍ରାୟ ୯ଟା୧୫ରେ ଏକ ବାଇକ୍ ଦୁର୍ଘଟଣା ଘଟିଥିଲା। ଉକ୍ତ ଦୁର୍ଘଟଣାରେ ୩ ଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ଜଣେ ଗୁରତର ଦୀପକ ବେହେରାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ସୌମ୍ୟରଞ୍ଜନଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ମଧ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଥିଲେ। ଅନ୍ୟ ଜଣେ ଗୁରୁତର ରମେଶ ପ୍ରଧାନ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ।




ଧର୍ମଶାଳା ମହାବିଦ୍ୟାଳୟରେ ଚାରାରୋପଣ କରାଯାଉଛି।

# ଧର୍ମଶାଳା ମହାବିଦ୍ୟାଳୟରେ ବନ ମହୋତ୍ସବ

ଧର୍ମଶାଳା,୫।୭(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ୭୫ତମ ବନମହୋତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଯୁବରେଡ୍‌କ୍ରସ, ଜାତୀୟ ସେବା ଯୋଜନା ଓ ସ୍କାଉଟ/ଗାଇଡର ମିଳିତ ଆନୁକୂଲ୍ୟରେ କଲେଜ ପରିସରରେ ବିଭିନ୍ନ ଚାରାରୋପଣ କରାଯାଇଛି। ଏହି ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଲେଜ୍ ଅଧ୍ୟକ୍ଷ ସ୍ୱାରୁପାନନ୍ଦ ପଣ୍ଡାଙ୍କ ପୌରୋହିତ୍ୟରେ କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ବନମହୋତ୍ସବ ସପ୍ତାହ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା ମୁଖ୍ୟବକ୍ତା ଓ ପୂର୍ବତନ ଅଧ୍ୟକ୍ଷ ଜୟନ୍ତ କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତ୍ୟେକ ମଣିଷ ଗୋଟିଏ ଗୋଟିଏ ଚାରାରୋପଣ କରିବା ସହିତ ତା'ର ଯତ୍ନ ନେବା ପାଇଁ ପରାମର୍ଶ ଦେଇଥିଲେ। ଯୁବ ରେଡ୍‌କ୍ରସ ସଂଯୋଜକ ଅଧ୍ୟାପକ ଡ. ବସନ୍ତ ତ୍ରିପାଠୀ ବନମହୋତ୍ସବ ସପ୍ତାହର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଅରବିନ୍ଦ ମହାନ୍ତି, ସୁରେଶ ଦାସ, ମାନସ ଷଡ଼ଙ୍ଗୀ, ଅଧ୍ୟାପିକା ଲିନା ରାୟ, ଡ. ସସ୍ମିତା ସାମଲ ଓ ଆରାଧନା ସେଠୀଙ୍କ ସମେତ କଲେଜର ବହୁ ଛାତ୍ରୀଛତ୍ର ଯୋଗଦେଇ ଚାରାରୋପଣ କରିଥିଲେ। ଅଧ୍ୟାପକ ପୀତବାସ କର ପ୍ରାରମ୍ଭିକ ସୂଚନା ଦେବା ସହ ସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟାପକ ପିନାକ ପ୍ରସାଦ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ବର୍ଷାରେ ବ୍ରହ୍ମବରଦା ମୁଖ୍ୟ ରାସ୍ତା ବେହାଲ

ବ୍ରହ୍ମବରଦା,୫।୭(ଯଯାତି କେଶରୀ ବେହେରା)



ବ୍ରହ୍ମବରଦା ମୁଖ୍ୟ ରାସ୍ତାରେ ବର୍ଷାପାଣି ଜମିରହିଛି।

ରସୁଲପୁର ବ୍ଲକ ଅଧୀନ ବ୍ରହ୍ମବରଦା ପଞ୍ଚାୟତର ମୁଖ୍ୟ ରାସ୍ତା ଏବେ ଶୋଚନୀୟ ହେବାରେ ଲାଗିଛି। ସାମାନ୍ୟ ବର୍ଷା ହେଲେ ରାସ୍ତାର ଅବସ୍ଥା ବେହାଲ ହୋଇଯାଉଛି। ବ୍ରହ୍ମବରଦା ଇଦ୍‌ଗା ଛକଠାରୁ ମାଛ ମାର୍କେଟ ପର୍ଯ୍ୟନ୍ତ ରାସ୍ତା ବର୍ଷା ପାଣିରେ ଉବୁଟୁବୁ ହେଉଥିବାବେଳେ ମାଛ ମାର୍କେଟଠାରୁ ଚଣ୍ଡି ମନ୍ଦିର ଓ ମହିମା ଛକ ନିକଟରୁ ଚାରିଗାରପୁର ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା କହିଲେ ନ ସରେ। ଉକ୍ତ ରାସ୍ତାଟି ଆଣ୍ଠୁଏ ଲେଖାଏ ପାଣି, ଖାଲଖମାରେ ଭର୍ତ୍ତି ହେବା ସହ ସାମାନ୍ୟ ବର୍ଷା ହେଲେ ଦୀର୍ଘ ଦିନ ଧରି ପାଣି ଜମି ରହୁଛି। ଫଳରେ ଅପରିଷ୍କାର ପାଣିରେ ଲୋକେ ପଶି ଯିବାଆସିବା କରିବା ଦ୍ୱାରା ନାନା ଚର୍ମ ରୋଗ ହେବାର ଆଶଙ୍କା ବଢୁଛି।

ବ୍ରହ୍ମବରଦା ଅଞ୍ଚଳ ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବାରୁ ଦୈନିକ ଉକ୍ତ ଖାଲଖମା ରାସ୍ତା ଦେଇ ସହ ସହ ସଂଖ୍ୟାରେ ବ୍ୟବସାୟୀ ଯିବାଆସିବା କରୁଛନ୍ତି। ଫଳରେ ଅନେକ ସମୟରେ ସେମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ମୁଖ୍ୟରାସ୍ତାର ଉଭୟପାର୍ଶ୍ୱରେ ୪ ବିଦ୍ୟାଳୟ ଓ ବ୍ରହ୍ମବରଦା ମହାବିଦ୍ୟାଳୟ ରହିଥିବାରୁ କଲେଜ ଛାତ୍ରୀଛାତ୍ର ଓ କୁନିକୁନି ବିଦ୍ୟାର୍ଥୀ ଉକ୍ତ ଜଳପୂର୍ଣ୍ଣ ଗାଡ଼ ରାସ୍ତା ଦେଇ ଯାତାୟାତ କରୁଛନ୍ତି। ଯିବାଆସିବା ସମୟରେ ସାମାନ୍ୟ ଅସାବଧାନତା ହେଲେ ପାଣିଭର୍ତ୍ତି ଗାଡ଼ରେ ପଡ଼ି ସେମାନେ ପାଣି କାଦୁଅରେ ସଡ଼ସଡ଼ ହେଉଛନ୍ତି। ଜାରକା ଗ୍ରାମ୍ୟ ନିର୍ମାଣ ବିଭାଜନ କାର୍ଯ୍ୟାଳୟ ଅଧୀନରେ ଥିବା ପ୍ରଥମାଖଣ୍ଡିଠାରୁ ବନ୍ଧଡିଅ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ କାମ ଅଧାପନ୍ତରିଆ ହୋଇ ପଡ଼ିରହିଛି। ରାସ୍ତା ନିର୍ମାଣ ଅବଧି ଶେଷ ହୋଇ ପୁଣି ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ତାହା ଏପର୍ଯ୍ୟନ୍ତ ସରି ପାରୁନାହିଁ। ସେହିପରି ପ୍ରଥମାଖଣ୍ଡିଠାରୁ ଝାଲପଡ଼ା ଛକ ପର୍ଯ୍ୟନ୍ତ ରାସ୍ତା କାମ ଶେଷ ହୋଇଥିବାବେଳେ ବ୍ରହ୍ମବରଦାଠାରୁ ବନ୍ଧଡ଼ିଅ ପର୍ଯ୍ୟନ୍ତ ୩ କି.ମି. ରାସ୍ତାକାମ ଆରମ୍ଭ ହୋଇ ଏକ ମାସ ହେବ ବନ୍ଦ ରହିଛି। ବ୍ରହ୍ମବରଦା ମୁଖ୍ୟ ରାସ୍ତା ଦେଇ ଯିବାଆସିବା ପାଇଁ ଆଖପାଖ ଅଞ୍ଚଳର ଲକ୍ଷାଧିକ ଲୋକ ନିର୍ଭର କରୁଥିବାରୁ ତୁରନ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସାଧାରଣରେ ଦାବି ହୋଇଛି।

# ପଟ୍ଟାମୁଣ୍ଡାଇ-ଇନ୍ଦୁପୁର ରାସ୍ତା ନିର୍ମାଣ କାର୍ଯ୍ୟ ମନ୍ଥର

**ପଟ୍ଟାମୁଣ୍ଡାଇ, ୫।୭ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଭାୟା ଚଉଦକୁଲାଟ ଇନ୍ଦୁପୁରକୁ ଯାଇଥିବା ୧୭ କି.ମି. ଇନ୍ଦୁପୁର-ପଟ୍ଟାମୁଣ୍ଡାଇ ରାସ୍ତା ୨୬ କୋଟି ଟଙ୍କା ବ୍ୟୟ ଅଟକଳରେ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇଥିଲା। ୨୦୨୩ରେ ଠିକାଦାର ନବୀକରଣ କାର୍ଯ୍ୟ ହାତକୁ ନେଇ କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ଠିକାସଂସ୍ଥା କର୍ମଚାରୀ ମନମୁଖି ଭାବେ କାମ କରୁଥିବା ଯୋଗୁ ରାସ୍ତା ନିର୍ମାଣ କାମ ମନ୍ଥର ଗତିରେ ଚାଲିଛି। ନିର୍ମାଣ ଆଗୋଉ ନ ଥିବା ଯୋଗୁ ରାସ୍ତାର ଅନେକ ସ୍ଥାନରେ ପାଣି ଜମି ରହୁଥିବାବେଳେ କାଦୁଅ ଯୋଗୁ ଗ୍ରାମବାସୀ ଘରକୁ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଦୁର୍ଘଟଣାର ଶିକାର ହେଉଛନ୍ତି।

ମିଳିଥିବା ସୂଚନା ମୁତାବକ, ଇନ୍ଦୁପୁର-ପଟ୍ଟାମୁଣ୍ଡାଇ ରାସ୍ତା ଉପରେ ପଟ୍ଟାମୁଣ୍ଡାଇ ବ୍ଲକର ୧୩ଟି ପଞ୍ଚାୟତ ଓ କେନ୍ଦ୍ରାପଡ଼ା ବ୍ଲକର ୭ଟି ପଞ୍ଚାୟତ ସମେତ ଆଳି ବ୍ଲକର ୭ଟି ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ଅତୀତରେ ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବାବେଳେ ରାସ୍ତାର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ଉନ୍ନତୀକରଣରେ ସମସ୍ୟା ଦେଖାଦେଇ ଖାଲଖମା ହୋଇପଡ଼ିଥିଲା। ଜନସାଧାରଣଙ୍କୁ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଏଥିନେଇ ଦାବି, ଆନ୍ଦୋଳନ ହେବା ପରେ ପ୍ରଶାସନ ଏହି ରାସ୍ତାକୁ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ-୧କୁ ହସ୍ତାନ୍ତର କରାଯାଇଥିବା ବେଳେ ୨୦୨୩ରେ ରାସ୍ତାର ନିର୍ମାଣ କାମ ହାତକୁ ନିଆଯାଇଥିଲା। ଏହାକୁ ୫ ମିଟର ଚଉଡା ପିଚୁ ଓ ଢଳେଇ ରାସ୍ତାରେ ପରିଣତ କରାଯିବ ବୋଲି ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଆଜାମଉଦ୍ଦିନ ଖାନ୍ ତାଙ୍କ ପ୍ରତିକ୍ରିୟାରେ କହିଥିଲେ। ୨୦୨୩ରେ ରାସ୍ତାଟିର ନିର୍ମାଣ କାମ ଆରମ୍ଭ ହେଉଥିବାରୁ ଅନେକ ସ୍ଥାନରେ ରାସ୍ତାକୁ ଖୋଳି ଦିଆଯାଇଥିବା ବେଳେ କାମ ଶେଷ ହୋଇ ନ ଥିବାରୁ ଯାତାୟାତରେ ଅସୁବିଧା ହେଉଛି। ରାସ୍ତା ସାରା ଖାଲଖମା, କେଉଁଠି ଡିମା ଡିମା ପଥର ଉଠିଛି ତ ପୁଣି କେଉଁଠି ପାଣି ଜମି ରହିଛି। ରାସ୍ତାରେ ଗାଡ଼ି ଗଲେ ପାଖରେ

**ଖାଲଖମାରେ ଭର୍ତ୍ତି, ଚିନ୍ତାରେ ଗ୍ରାମବାସୀ**



ସାଇଟ୍ ହେବାକୁ ବି ଭୟ ଲାଗୁଛି। କାଳେ ରାସ୍ତାରେ ବିଛାଯାଇଥିବା ପଥର ଛିଟିକିପଡିବ। ଏବେ ବର୍ଷାଦିନ ସାମାନ୍ୟ ବର୍ଷା ହେଲେ ଖାଲଖମାରେ ପାଣି ଜମି ରହୁଛି। ଲୋକେ ନ ଜାଣିପାରି ଖାଲରେ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି। ରାସ୍ତା ନିର୍ମାଣରେ ବିଳମ୍ବ ଯୋଗୁ ସୃଷ୍ଟି ହେଉଥିବା ସମସ୍ୟାକୁ ନେଇ ସ୍ଥାନୀୟ ଲୋକଙ୍କ ମନରେ ଅସନ୍ତୋଷ ଦାନା ବାନ୍ଧୁଛି। ବିଭାଗର ଅଧିକାରୀମାନେ ଠିକ୍ ଭାବେ କାର୍ଯ୍ୟ ତଦାରଖ କରୁ ନ ଥିବା ଯୋଗୁ ଠିକାସଂସ୍ଥା ଏପରି ବିଳମ୍ବ କରୁଥିବା ସ୍ଥାନୀୟ ଲୋକଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ନିର୍ମାଣ କାର୍ଯ୍ୟ ଯେତିକି ବିଳମ୍ବ ହେଉଛି, ଅଞ୍ଚଳର ବିକାଶ ସେତିକି ବାଧାପ୍ରାପ୍ତ ହେଉଛି। ବିଶେଷକରି ଏଠିକାର ଥିବା ବଜାରର ବ୍ୟବସାୟୀମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘଦିନ ଧରି କାମ ସରୁ ନ ଥିବାରୁ ବ୍ୟବସାୟ ବାଧାପ୍ରାପ୍ତ ହେଉଛି। ଗ୍ରାମାଞ୍ଚଳ ଉଠାଦୋକାନୀ ଥଇଥାନ ହୋଇପାରୁ ନାହାନ୍ତି। ଏହି ରାସ୍ତା ଉପରେ ପ୍ରତିଦିନ ଶତାଧିକ ଗାଡ଼ିମୋଟର, ଟିପ୍ପର, ପୋକ୍‌ଲିନ୍, ହାଇୱା ଚଳାଚଳ କରୁଥିବା ବେଳେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ବ୍ରାହ୍ମଣୀ ନଦୀ ପାର୍ଶ୍ୱରେ ଥିବାରୁ ବାଲି ବେଖୋଇ ଟ୍ରକ୍ ଓ ହାଇୱା ଚଳାଚଳ ଯୋଗୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟି ଧନ ଜୀବନ ହାନି ହେଉଛି ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଏହି ରାସ୍ତା ଉପରେ ପ୍ରାୟ ୪୦ ହଜାର ଲୋକ ନିର୍ଭର କରୁଥିବା ବେଳେ ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହୋଇଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଆଜାମଦ୍ଦିନ ଖାନ୍‌ଙ୍କୁ ପଚାରିବାରେ ଖାଲଖମାଗୁଡ଼ିକୁ ପୂରଣ କରିବାକୁ ଠିକାଦାରଙ୍କୁ କୁହାଯାଇଛି ବୋଲି ସେ କହିଛନ୍ତି।

# କେନାଲ ନାହିଁ, ଜଳକର ଦାବିକୁ ବିରୋଧ

**କେନ୍ଦ୍ରାପଡ଼ା, ୫।୭(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ତହସିଲ ଅନ୍ତର୍ଗତ ଦୋବନ୍ଧା, ସୋବଳା, ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ ଚନ୍ଦନପୁର, ନୀଳକଣ୍ଠପୁର, ତମାଳଶାସନ, ଅରୁଆ, କେଶପୁର ଆଦି ଜମିକୁ ଏପର୍ଯ୍ୟନ୍ତ କେନାଲ ନାହିଁ। ତେବେ ରାଜସ୍ୱ ବିଭାଗ ଏହି ଅଞ୍ଚଳର ଅଧିବାସୀଙ୍କୁ ଜଳକର ପାଇଁ ଦାବି କରୁଛି। ଏହାକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିବା ସହ କେନାଲ ଖନନ ଅଥବା ଜଳକର ଉଚ୍ଛେଦ ଦାବି କରିଛନ୍ତି।

ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ରଞ୍ଜନ କୁମାର ସାହୁ, ପାରେଶ୍ୱର ସାମଲ, ଛତିଶ କୁମାର ପରିଡ଼ା, ପ୍ରଫୁଲ୍ଲ କୁମାର ପରିଡ଼ା ପ୍ରମୁଖ କହିଛନ୍ତି, ଏହି ମାମଲାର ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ନ ହେଲେ ଏକ ଚାଷୀ ଆନ୍ଦୋଳନ ହେବ। ଦୀର୍ଘଦିନ ହେବ ରାଜସ୍ୱ ବିଭାଗ ପକ୍ଷରୁ ଏହି ଅଞ୍ଚଳର କ୍ଷେତକୁ ଜଳକର ଦେବା ପାଇଁ କରଧାର୍ଯ୍ୟ ହୋଇଛି। ଏହାକୁ ନେଇ ଆପତ୍ତି ପରେ ୧୯୯୭ ଜୁଲାଇ ୨୨ରେ ଚିଠି ନଂ. ୩୩୨୮୪ରେ ଜିଲାପାଳ ତଦନ୍ତ କରିବା ପାଇଁ ସୁପାରିସ୍ ହୋଇଥିଲା। ସେହିବର୍ଷ ଅଗଷ୍ଟ ୪ରେ ତତ୍କାଳୀନ ଜିଲାପାଳ ଚିଠି ନଂ.୯୩୫୪ରେ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ଏ ନେଇ ପ୍ରକୃତ ଯାଞ୍ଚ ନ କରିବାରୁ ୧୯୯୮ ମସିହାରେ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ ଚାଷୀ। ଅଦାଲତ ପକ୍ଷରୁ କ୍ଷେତକୁ ଜଳସେଚନ ନ କରିବା ପର୍ଯ୍ୟନ୍ତ ଜଳକର ନ ନେବା ପାଇଁ ପରାମର୍ଶ ଦିଆଯାଇଥିଲା। ସେବେଠାରୁ ଗ୍ରାମବାସୀ କେବଳ ଭୂମିକର ଦେଇଆସୁଛନ୍ତି। ଏବେ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ପାଇଁ ଆବଶ୍ୟକ ପ୍ରମାଣପତ୍ର ସଂଗ୍ରହ ସମୟରେ ରାଜସ୍ୱ ବିଭାଗ ବକେୟା ଜଳକର ଦାବି କରୁଛି। ଜଳକର ନ ଦେଲେ ଜାତି ଓ ଅନ୍ୟ ପ୍ରମାଣପତ୍ର ଯୋଗାଇ ଦିଆଯାଉନାହିଁ, ଯାହା ଅନ୍ୟାୟ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ କହିଛନ୍ତି, ଘଟଣା ସମ୍ପର୍କରେ ଅନୁଧ୍ୟାନ କରାଯିବ। ତୁରନ୍ତ ଏ ନେଇ ରାଜସ୍ୱ ବିଭାଗ ତଦନ୍ତ କରି ଆବଶ୍ୟକ ପ୍ରମାଣପତ୍ର ଯୋଗାଇବା ବ୍ୟବସ୍ଥା କରିବ। ଏଥିସହ ଜଳସେଚନ ସମସ୍ୟା ଦୂର ଲାଗି ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ହାଇସ୍କୁଲରେ ବନ ମହୋତ୍ସବ

**ଆଳି, ୫।୭(ବନମାଳୀ ସେନାପତି)**

ଆଳି ବ୍ଲକ ଶରତ କୁମାର ଦେବ ହାଇସ୍କୁଲରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷର ଆବଶ୍ୟକତାକୁ ଲକ୍ଷ୍ୟକରି ଜୁଲାଇ ପ୍ରଥମ ସପ୍ତାହକୁ ବନ ମହୋତ୍ସବ ସପ୍ତାହ ଭାବେ ରାଜ୍ୟ ସରକାର ଘୋଷଣା କରିଥିବା ବେଳେ ରାଜନଗର ବନ୍ୟପ୍ରାଣୀ (ବନାଞ୍ଚଳ)ପକ୍ଷରୁ ଏହା ଅନୁଷ୍ଠିତ ହେଉଛି। ଏହି ଅବସରରେ ଶରତ କୁମାର ଦେବ ହାଇସ୍କୁଲରେ ଆଳି ବନ ବିଭାଗର ବନରକ୍ଷୀ ନିରୁପମା ଷଡ଼ଙ୍ଗୀ ପହଞ୍ଚି ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକଙ୍କ ଉପସ୍ଥିତିରେ ଚାରା ରୋପଣ କରିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କୁ ନିଜ ନିଜ ବାଡ଼ିରେ ଚାରା ରୋପଣ କରିବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ ମଲ୍ଲିକ, ଶିବପ୍ରସାଦ ସାହୁ, ରବୀନ୍ଦ୍ର ବାରିକ, ଉତ୍କଳ ପ୍ରଧାନ, ବନମାଳୀ ପାଣି, ବିଭୂତି ରାଉତ, ଦଶରଥ ମଲ୍ଲିକ, ରିତେଶ ବେହୁରା, ରିତାଞ୍ଜଳି ପଣ୍ଡା, ସସ୍ମିତା ସାହୁ, ରୋଜାଲିନ ସାମନ୍ତରାୟ, ସିମି ନନ୍ଦ, ତୁଳସୀ ଦାସ, ବନ ବିଭାଗର ଏଫିଏସ୍ ନିରଞ୍ଜନ ରାଉତ, ଚନ୍ଦନ ମଲ୍ଲିକ, ଦୁଲାଲ କୁମାର ମଣ୍ଡଳ, ମଦନ ଜେନା, ମନୋଜ କୁମାର ସାହୁ, କାର୍ତ୍ତିକ ମଣ୍ଡଳ, ଚଞ୍ଚଳ ମାଇତି, ଅନନ୍ତ ସେଠୀ, ଦେବବ୍ରତ ମଣ୍ଡଳ, ସାଗର ରାଉତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଶକ୍ତି, ଦୁର୍ବଳତା, ଆହ୍ୱାନକୁ ସମୀକ୍ଷା କଲେ ଆଗକୁ ଯିବ



ପ୍ରତିଷ୍ଠା ଦିବସରେ ଯୋଗ ଦେଇଥିବା ଅତିଥିମାନେ।

**ପଟ୍ଟାମୁଣ୍ଡାଇ ୫।୭ (କଳ୍ପତରୁ ନାୟକ)**

**ପଟ୍ଟାମୁଣ୍ଡାଇ କଲେଜ ୫୪ତମ ପ୍ରତିଷ୍ଠା ଦିବସ**

ପଟ୍ଟାମୁଣ୍ଡାଇ କଲେଜ ତା'ର ଶକ୍ତି, ଦୁର୍ବଳତା ଓ ଆହ୍ୱାନକୁ ସମୀକ୍ଷା କରି ଆଗକୁ ବଢ଼ିଲେ ଓଡ଼ିଶାର ଏକ ଅଗ୍ରଣୀ କଲେଜ ଭାବେ ସୁନାମ ଅର୍ଜନ କରିବ। ଏଥିସହ ସଫଳ ଛାତ୍ରୀଛାତ୍ର ସୃଷ୍ଟି କରିପାରିବ ବୋଲି ଶୁକ୍ରବାର ପଟ୍ଟାମୁଣ୍ଡାଇ କଲେଜର ୫୪ତମ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ କହିଛନ୍ତି। କଲେଜ ପରିଚାଳନା କମିଟି ସଭାପତି ପ୍ରଫେସର ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶଙ୍କ ପୌରୋହିତ୍ୟ ଓ ଅଧ୍ୟାପିକା ଦେବସ୍ମିତା ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ସାହୁ କହିଲେ, ପଟ୍ଟାମୁଣ୍ଡାଇରେ ମାନବସମ୍ବଳ ଭରପୁର ରହିଛି। ଏହାର ଉପଯୁକ୍ତ ବିନିଯୋଗ ଓ ବିକାଶ ପାଇଁ ପଟ୍ଟାମୁଣ୍ଡାଇର ବରପୁତ୍ରମାନେ ଏକ ମହତ ଉଦ୍ଦେଶ୍ୟ ନେଇ ପ୍ରତିଷ୍ଠା କରିଥିବା କଲେଜ ଆଜି ୫୪ ବର୍ଷରେ ପଦାର୍ପଣ କରି ବିଭିନ୍ନ କ୍ଷେତ୍ରରେ ସଫଳତା ସାଉଁଟିଛି। ଉତ୍ତମ ଶିକ୍ଷା ବ୍ୟବସ୍ଥା ଅଞ୍ଚଳ ବିକାଶର ମେରୁଦଣ୍ଡ ହୋଇଥିବାରୁ କେବଳ ଭିତ୍ତିଭୂମି ନୁହେଁ ଭଲ ଶୈକ୍ଷିକ ପରିବେଶ ସୃଷ୍ଟି କଲେ କଲେଜର ବିକାଶ ତ୍ୱରାନ୍ୱିତ ହୋଇପାରିବ। ବିଶିଷ୍ଟ ପ୍ରବଚକ ବୀରେନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତର ଶିକ୍ଷା ଓ ସଂସ୍କୃତି ବହୁ ପୁରାତନ ବୋଲି ମତ ଦେଇ ୧୮୮୧ ମସିହାରେ ଲଣ୍ଡନରେ ସ୍କୁଲ ଖୋଲିବାବେଳେ ଭାରତରେ ୭ ଲକ୍ଷ ଗୁରୁକୁଳ ପ୍ରତିଷ୍ଠା ହୋଇଥିଲା। ଶିକ୍ଷାର ଅଧୋଗତି ଉପରେ ଉଦ୍‌ବେଗ ପ୍ରକାଶ କରି ପ୍ରବଚକ ପଣ୍ଡା ସାମାଜିକ ପରିବର୍ତ୍ତନ ପାଇଁ ମୂଲ୍ୟବୋଧଭିତ୍ତିକ ନୈତିକ ଶିକ୍ଷା ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଚାକିରି ସର୍ବସ୍ୱ ଶିକ୍ଷା ପଛରେ ନ ଗୋଡ଼ାଇ ଏକ ଉତ୍ତମ ନାଗରିକ ହୋଇ ସମାଜ ପାଇଁ ସମର୍ପିତ ହେବାର ଶିକ୍ଷା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲୀପ ଭୂୟାଁ ସ୍ୱାଗତ ଭାଷଣ ଓ ଅଧ୍ୟାପିକା ଶୁଭଶ୍ରୀ ପୋଥାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷକ ସନାତନ ବେହୁରାଙ୍କୁ ତାଙ୍କ ବାସଭବନରେ କଲେଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଅବସରପ୍ରାପ୍ତ କର୍ମଚାରୀ ନନ୍ଦକିଶୋର ଲେଙ୍କା, ଯୁକ୍ତ ୩ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଇପ୍ସିତା ପ୍ରିୟଦର୍ଶିନୀ ପଣ୍ଡା, ଯୁକ୍ତ ୨ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ନନ୍ଦିନୀ ସେନ, ଯୁକ୍ତ ୩ କଳା ବିଭାଗରେ ମଧୁସ୍ମିତା ମଲ୍ଲିକ, ବିଜ୍ଞାନ ସୋନାଲି ପ୍ରିୟଦର୍ଶିନୀ ସାହୁ ଓ ବାଣିଜ୍ୟ ବିଭାଗରେ ଶୁଭଙ୍କର ଦାସ, ନୂଆଦିଲ୍ଲୀ ପରେଡରେ ସଫଳତା ହାସଲ କରିଥିବା ଭାଗ୍ୟଶ୍ରୀ ଦାସ ଓ ଯୁକ୍ତ ୨ କଳା, ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ବିଜ୍ଞାନ ଛାତ୍ରୀ ଭାବେ ସୋନାଲି ପ୍ରିୟଦର୍ଶିନୀ ସାହୁଙ୍କୁ ମାନଗୋବିନ୍ଦ ମେମୋରିଆଲ ଆୱାର୍ଡ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ପ୍ରଭାକର ରାଉତ ଓ ଦେବବ୍ରତ ପ୍ରଧାନ, ପ୍ରାଧ୍ୟାପକ ଡ. ରମେଶ କୁମାର ସାହୁ, ଡ. ସୁନୀଲ ପ୍ରଧାନ, ଡ. ଅଳି ଦାଶ, ପ୍ରମୋଦ ସ୍ୱାଇଁ, ଅମୀୟ ଦାସ, କ୍ୟାପଟେନ ମନୋଜ ପରିଡା, ଅଧ୍ୟାପକ ଅରବିନ୍ଦ ପାଣ୍ଡ, ପ୍ରଦ୍ୟୁମ୍ନ ପ୍ରଧାନ, ଶୁଭାଶିଷ ମିଶ୍ର, ସରୋଜିନୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ପ୍ରତିଷ୍ଠା ଦିବସ ଆରମ୍ଭରେ ଜାତିର ଜନକ ମହାତ୍ମା ଗାନ୍ଧୀ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ କଲେଜ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଶେଷରେ ଅଧ୍ୟାପିକା ନିବେଦିତା ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଆଳି କୋର୍ଟରେ ନୂତନ ବିଚାରପତିଙ୍କ ଯୋଗଦାନ

**ଆଳି, ୫।୭(ବନମାଳୀ ସେନାପତି)**

ଆଳି କୋର୍ଟରେ ନୂତନ ବିଚାରପତି ଭାବେ ଦେବାନ ସତ୍ୟଦର୍ଶୀ ନନ୍ଦ ଶୁକ୍ରବାର ଯୋଗଦାନ କରିଛନ୍ତ। ନନ୍ଦ କୋର୍ଟରେ ଯୋଗଦାନ କରିବା ପରେ ଆଳି ବାର ଆସୋସିଏଶନ ପକ୍ଷରୁ ସ୍ୱାଗତ କରାଯାଇଛି। ବାର ଆସୋସିଏଶନର ସଭାପତି ପ୍ରମୋଦ ରାୟ,ସମ୍ପାଦକ ନୃସିଂହ ଦୀକ୍ଷିତ, ବରିଷ୍ଠ ଆଇନଜୀବୀ ଶରତ ମହାନ୍ତି, ନିତ୍ୟାନନ୍ଦ ଦାସ, ଦୟାନିଧି ରାଉତ, ଭିକାରୀ ସାମଲ, ପ୍ରଦୀପ ଦାସ, ଅଣାକର ବାରିକ, ମୃତ୍ୟୁଞ୍ଜୟ ସାମଲ ପ୍ରମୁଖଙ୍କ ସମେତ କୋର୍ଟର ସମସ୍ତ ସଦସ୍ୟ ନୂତନ ବିଚାରପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ଆଳି କୋର୍ଟରେ ସାଧାରଣ ଲୋକ କିପରି ନ୍ୟାୟିକ ସୁବିଧା ପାଇବେ ସେଥିପ୍ରତି ଯତ୍ନବାନ ହେବେ ବୋଲି ବିଚାରପତି ନନ୍ଦ କହିଛନ୍ତି।

# ଭାଜପା ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

**ରାଜନଗର, ୫।୭(ଭାସ୍କର ରାଉତରାୟ)**

୭୫ତମ ବନମହୋତ୍ସବ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ସମଗ୍ର ଦେଶରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ରାଜନଗର ଭାଜପା ପକ୍ଷରୁ ସାନବଡଗୋପାଳପୁର ପଞ୍ଚାୟତ ତ୍ରିନାଥ ବଜାର ଛକଠାରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଭାଜପା ନେତା ସଦାଶିବ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ଅଜୟ କୁମାର ମହାନ୍ତି, ଆଇଆଇସି ଅଜୟ କୁମାର ଜେନା, ବିଡିଓ ନିଶାନ ମିଶ୍ର, ପରିବେଶବିତ୍ ହେମନ୍ତ କୁମାର ରାଉତ, ଗାଳ୍ପିକ ପ୍ରଦୀପ ନାୟକ, ଯୁବନେତା ଦିଲୀପ ରଞ୍ଜନ ପାଳ, ଜଗନ୍ନାଥ ଦାସ, ପାରେଶ୍ୱର ଦାସ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ, ମାନବ ସମାଜ ପାଇଁ ଅମ୍ଳଜାନ ଆବଶ୍ୟକ ବୋଲି ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ। ପ୍ରତ୍ୟେକ ଲୋକ ମା'ଙ୍କ ନାମରେ ଗୋଟିଏ ଗଛ ଲଗାଇବା ପାଇଁ କହିଥିଲେ। ଏହି ଅବସରରେ ଚାରା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଯୁବନେତା ମେଘଶ୍ୟାମ ସାହୁ, କ୍ରୀଷ୍ଣା ବେହେରା ପ୍ରମୁଖ ପରିଚାଳନା କରିଥିଲେ।



ଭାଜପା ପକ୍ଷରୁ ଚାରା ବଣ୍ଟନ କରାଯାଉଛି।

# ରାଜ୍ୟସ୍ତରୀୟ ଚିତ୍ରଶିଳ୍ପୀ ଶିବିରରେ ଶିଳ୍ପୀ ଶ୍ରୀକାନ୍ତ ପୁରସ୍କୃତ



ଚିତ୍ରଶିଳ୍ପୀ ଶିବିରରେ ଅତିଥିମାନେ ଶିଳ୍ପୀ ଶ୍ରୀକାନ୍ତଙ୍କୁ ପୁରସ୍କୃତ କରୁଛନ୍ତି।

**ରାଜନଗର, ୫।୭(ଭାସ୍କର ରାଉତରାୟ)**

ପବିତ୍ର ରଥଯାତ୍ରା ଅବସରରେ ଓଡ଼ିଶା ଲଳିତକଳା ଏକାଡେମୀ, ଓଡ଼ଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ପାନ୍ଥ ନିବାସରେ ୧ ରୁ ୪ ତାରିଖ ପର୍ଯ୍ୟନ୍ତ 'ଶ୍ରୀଜଗନ୍ନାଥ'ଶୀର୍ଷକ ଚିତ୍ରଶିଳ୍ପୀ ଶିବିର ଆୟୋଜନ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସି ଅଂଶଗ୍ରହଣ କରିଥିବା ଚିତ୍ରଶିଳ୍ପୀମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଧାରିତ ଉତ୍କୃଷ୍ଟ ଚିତ୍ର ପ୍ରସ୍ତୁତ କରିଥିଲେ। ଏଥିରେ ରାଜନଗର ଅଞ୍ଚଳର ଯୁବ ଚିତ୍ରଶିଳ୍ପୀ ଶ୍ରୀକାନ୍ତ ଦାସ ନିଜ କାନ୍‌ଭାସରେ ରଙ୍ଗତୂଳି ମାଧ୍ୟମରେ ଶ୍ରୀଜଗନ୍ନାଥଙ୍କର ଅସଂଖ୍ୟ ଲୀଳା ଭିତରୁ ଦାରୁବ୍ରହ୍ମ ପ୍ରସଙ୍ଗଟିକୁ ଚିତ୍ର ମାଧ୍ୟମରେ ଆଙ୍କି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶ୍ରେଷ୍ଠ ୩୦ ଜଣଙ୍କ ଶିଳ୍ପୀଙ୍କ ଚିତ୍ର ମଧ୍ୟରୁ ଶ୍ରୀକା'ଙ୍କ ଦାରୁବ୍ରହ୍ମ ଚିତ୍ରଟି ଶ୍ରେଷ୍ଠତ୍ୱ ଲାଭ କରିଥିଲା। ଏହି ଅବସରରେ ଆୟୋଜିତ ଉତ୍ସବରେ ଲଳିତ କଳା ଏକାଡେମୀର ବରିଷ୍ଠ ଅଧିକାରୀ ଗଜେନ୍ଦ୍ର ସାହୁ, ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ମହେନ୍ଦ୍ର ପ୍ରସାଦ ମହାପାତ୍ର, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ବରିଷ୍ଠ ଅଧିକାରୀ ମଧୁସୂଦନ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରୀକାନ୍ତଙ୍କୁ ଟ୍ରଫି ସହ ପୁରସ୍କୃତ କରିଥିଲେ।

# ପୁରାତନ ଛାତ୍ରୀଛାତ୍ରଙ୍କ ଗୁରୁପୂଜନ, ସମ୍ବର୍ଦ୍ଧନା ସଭା

**ରାଜକନିକା,୫।୭(ସଞ୍ଜୟ କୁମାର ଦାଶ)**

ଶିକ୍ଷକ ହେଉଛନ୍ତି ଛାତ୍ରୀଛାତ୍ରଙ୍କ ଜୀବନର ଆଲୋକବର୍ତ୍ତିକା। ସେମାନଙ୍କ ଅବଦାନ କୌଣସି ଛାତ୍ର କେବେ ଭୁଲି ପାରନ୍ତିନି। ସେହିମାନଙ୍କ ଅବଦାନକୁ ସମ୍ମାନ ଜଣାଇ ଶୁକ୍ରବାର ରାଜକନିକା ବ୍ଲକ କୋଇଲିପୁର ପଞ୍ଚାୟତସ୍ଥିତ ନରେନ୍ଦ୍ର ଗୁଞ୍ଜରୀ ବିଦ୍ୟାପୀଠରେ ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୁରୁପୂଜନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ବିଦ୍ୟାପୀଠର ପ୍ରତିଷ୍ଠାତା ତଥା ପଞ୍ଚାୟତ ହାଇସ୍କୁଲ, ଆୟତନର ପୂର୍ବତନ ପ୍ରଧାନ ଶିକ୍ଷକ ରଘୁନାଥ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଅବଦୁଲପୁର ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ବିଦ୍ୟାଧର ଦାସ, ସୁଶ୍ରୀଦେବୀ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

ଏହି ସମ୍ବର୍ଦ୍ଧନା ସଭାରେ ନରେନ୍ଦ୍ର ଗୁଞ୍ଜରୀ ବିଦ୍ୟାପୀଠରୁ ନିକଟ ଅତୀତରେ ଅବସର ନେଇଥିବା ସମସ୍ତ ଶିକ୍ଷକ ଓ ଅଣଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ହୋଇଥିବା ଅବସରପ୍ରାପ୍ତ ଶିକ୍ଷକମାନଙ୍କ ମଧ୍ୟରେ ପୁରୁଷୋତ୍ତମ ପତି, ନାରାୟଣ ଚନ୍ଦ୍ର ଦାସ, ନୃସିଂହନାଥ ସାହୁ, ବିଷ୍ଣୁ କୁମାର ମିଶ୍ର, ବୀର କିଶୋର ସାହୁ, ପ୍ରସନ୍ନ କୁମାର ପଲେଇ ପ୍ରମୁଖ ଉପସ୍ଥିତ ରହିଥିଲେ। ଅନ୍ୟପକ୍ଷେ ସଭାରେ ବର୍ତ୍ତମାନର ବିଦ୍ୟାପୀଠରେ ଶିକ୍ଷକ ରୂପେ କାର୍ଯ୍ୟରତ ତଥା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ବେହେରା, ଉମାକାନ୍ତ ସାହୁ, ବିପିନ ବିହାରୀ ବେହୁରା, ଅଭୟ କୁମାର ବେହେରା ପ୍ରମୁଖ ମଧ୍ୟ ଉପସ୍ଥିତ ରହିଥିଲେ। ସଭାକାର୍ଯ୍ୟ ଶେଷ ହେବା ପରେ ଗୁରୁଶିଷ୍ୟର ମହାନ ପରମ୍ପରାକୁ ମନେ ରଖିବା ଉଦ୍ଦେଶ୍ୟରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ଶେଷରେ ପୁରାତନ ଛାତ୍ରୀଛାତ୍ର ଏବଂ ବର୍ତ୍ତମାନ ଛାତ୍ରୀଛାତ୍ରମାନେ ବିଦ୍ୟାଳୟରୁ ଅବସର ନେଇଥିବା ସମସ୍ତ ଶିକ୍ଷକମାନଙ୍କୁ ବାଜା ବାଣ ରୋଷଣୀ କରି ଗ୍ରାମ ପରିକ୍ରମା କରାଇଥିଲେ।



ସମ୍ବର୍ଦ୍ଧିତ ହୋଇଥିବା ଶିକ୍ଷକମାନେ।

# ପରିତ୍ୟକ୍ତ ଅବସ୍ଥାରେ ସ୍ୱାଧୀନତା ସଂଗ୍ରାମର ସ୍ମାରକୀ

**ଡେରାବିଶ,୫।୭ (ବେବର୍ତ୍ତା ଅଜୟ ଦାସ)**



ସ୍ୱାଧୀନତା ଆନ୍ଦୋଳନରେ କେନ୍ଦ୍ରାପଡ଼ା ଜିଲାର ଭୂମିକା ଅବିସ୍ମରଣୀୟ। ସ୍ୱାଧୀନତା ସଂଗ୍ରାମରେ ଏହି ଜିଲାର କୋଣ ଅନୁକୋଣରୁ ସେ ସମୟରେ ବହୁ ଛାତ୍ର ଓ ଯୁବକ ନିଜକୁ ଉତ୍ସର୍ଗ କରି ଆନ୍ଦୋଳନର ବାର୍ତ୍ତା ପ୍ରତ୍ୟେକ ପରିବାରରେ ପହଞ୍ଚାଇଥିଲେ। ୧୯୩୪ ମେ ମାସ ଶେଷ ସପ୍ତାହ ଜିଲା ପାଇଁ ଏକ ଗୌରବ ସମୟ ଥିଲା। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଐତିହାସିକ ପଦଯାତ୍ରା କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ୍ କାକଟିଆଠାରେ ମେ ୨୬ରେ ପହଞ୍ଚିବା ପରେ ଗାନ୍ଧିଜୀଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେବା ସହ ପଦଯାତ୍ରାରେ ବହୁସଂଖ୍ୟାରେ ଯୁବକ ସାମିଲ ହୋଇଥିଲେ। ପରେ ବ୍ଲକ୍ ଅଧୀନ ଖମୋଳ ପଞ୍ଚାୟତ ସଲାରୋ ମଠରେ ଗାନ୍ଧିଜୀ ରାତ୍ରିଯାପନ କରିବା ସହ ୨୭ ତାରିଖରେ ସଲାରଠାରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ। ପରେ ଗାନ୍ଧିଜୀଙ୍କ ପଦଯାତ୍ରା କେନ୍ଦ୍ରାପଡ଼ା ଅଭିମୁଖେ ଯିବା ସହ ଗରାପୁର ଡାକବଙ୍ଗଳାରେ ରାତ୍ରିଯାପନ ପରେ ମେ ୩୦ ତାରିଖରେ ଡେରାବିଶ ବ୍ଲକ୍ ଅନ୍ତର୍ଗତ ବାରିମୂଳ ପଡ଼ିଆରେ ଏକ ବିଶାଳ ଜନସମାବେଶକୁ ଉଦ୍‌ବୋଧନ ଦେଇଥିଲେ। ଏହି ସ୍ମରଣୀୟ ଦିନ ଭାରତ ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ଏକ ଫର୍ଦ୍ଦ ହୋଇ ରହିଛି। କାରଣ ଜନସମାବେଶରେ ଉପସ୍ଥିତ ଶତାଧିକ ଯୁବକ ଓ ଛାତ୍ର ନିଜକୁ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ।

ଇତିମଧ୍ୟରେ ଏହି ଘଟଣାକୁ ୯୦ବର୍ଷ ବିତିଯାଇଥିବା ବେଳେ ଆଗାମୀ ମାସରେ ସମଗ୍ର ଦେଶରେ ୭୭ତମ ସ୍ୱାଧୀନତା ଦିବସ ପାଳନ ହେବାକୁ ଯାଉଛି। ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନା ଓ ଜିଲା ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବା ସ୍ୱାଧୀନତା ସଂଗ୍ରାମର ସ୍ମାରକୀ ବାରିମୂଳର ଗାନ୍ଧୀ ସ୍ମୃତିପୀଠଟି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ସ୍ଥାନୀୟ ଅଞ୍ଚଳବାସୀ, ବୁଦ୍ଧିଜୀବୀ ମହଲରୁ ଜିଲା ପ୍ରଶାସନଠାରୁ ଆରମ୍ଭକରି ମୁଖ୍ୟମନ୍ତ୍ରୀଙ୍କ ଯାଏ ଏହି ପୀଠର ଉନ୍ନତୀକରଣ ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ଏଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ବାରିମୂଳର ପୂର୍ବତନ ସରପଞ୍ଚ ସୁଦ୍ଧଦେବ ବେହେରା କହିଛନ୍ତି। ପ୍ରତ୍ୟେକ ବର୍ଷ ଗାନ୍ଧିଜୀଙ୍କ ସ୍ୱନକ୍ଷତ୍ର ଦିବସ ଅକ୍ଟୋବର ୨ ଓ ମହାପ୍ରୟାଣ ଦିବସ ଜାନୁଆରୀ ୩୦ରେ ଗାନ୍ଧୀ ଫାଉଣ୍ଡେଶନ ଟ୍ରଷ୍ଟ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉତ୍ସବ କେବଳ ପାଳନ କରାଯାଉଛି। ଏଠାରେ ଏକ ଶିଶୁ ଉଦ୍ୟାନ କରାଯିବା ସହ ଗାନ୍ଧୀଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରିବା ସହ ପୀଠର ବିକାଶ ପାଇଁ ଯୁବନେତା ଦିଲୀପ ଦାସ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଯେଉଁ ବରଗଛ ମୂଳରେ ଗାନ୍ଧିଜୀ ତାଙ୍କର ଭାଷଣ ଦେଇଥିଲେ ରକ୍ଷଣାବେକ୍ଷଣ ଅଭାବରୁ ଗୋବରୀ ନଦୀର ବନ୍ୟାରେ ତାହା ଉପୁଡ଼ିଯାଇଛି। ବ୍ଲକ୍ ପ୍ରଶାସନ ପକ୍ଷରୁ ସ୍ଥାପନ କରାଯାଇଥିବା ଏକ ଆବକ୍ଷ ପ୍ରତିମୂର୍ତ୍ତି ଅତୀତର ସେହି ଦିନକୁ କେବଳ ଗୁମୁରୁଛି। ଏ ସମ୍ପର୍କରେ ବିଡିଓ ଦାଶରଥି ଜେନାଙ୍କୁ ପଚାରିବାରୁ ଏହି ପୀଠର ଉନ୍ନତୀକରଣ ପାଇଁ ବାରିମୂଳ ସରପଞ୍ଚଙ୍କ ସହ ଆଲୋଚନା କରାଯାଇଛି। ଖୁବ୍‌ଶୀଘ୍ର ସ୍ମୃତିପୀଠର ଉନ୍ନତି ପାଇଁ ପଦକ୍ଷେପ ନିଆଯିବାକୁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

**ବାରିମୂଳର ଗାନ୍ଧୀ ସ୍ମୃତିପୀଠ**

## ସଂକ୍ଷେପରେ

### କୂଅରେ ପଡ଼ି ଜଣେ ମୃତ

ଗଞ୍ଜାମ,୫।୭(ବିଦ୍ୟାଧର ସାହୁ)–ଗଞ୍ଜାମ ଥାନା ଅନ୍ତର୍ଗତ କରପଡା ପଞ୍ଚାୟତ ନୀଳାଦ୍ରିପୁର ଗ୍ରାମରେ କୂଅରେ ପଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଯୁଧିଷ୍ଠିର ବେହେରା (୫୦)। ଶୁକ୍ରବାର ଯୁଧିଷ୍ଠିର ପାଣି ଆଣିବାକୁ ଯାଇଥିବା ବେଳେ ଅସାବଧାନତାରୁ କୂଅରେ ଖସି ପଡିଥିଲେ। ଗ୍ରାମବାସୀଙ୍କ ଠାରୁ ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ କୂଅ ମଧ୍ୟରୁ ଉଦ୍ଧାର କରି ଛତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ବ୍ୟବସ୍ଥା କରିଥିଲେ । ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ଏ ନେଇ ମୃତକଙ୍କ ସ୍ତ୍ରୀ ଥାନାରେ ଜଣାଇଛନ୍ତି।

### ୧୧୭ ପ୍ୟାକେଟ ରକ୍ତ ସଂଗୃହୀତ

ଭଞ୍ଜନଗର,୫।୭(ବାବୁଲା ପ୍ରଧାନ):

ଭାଜପା ଯୁବମୋର୍ଚ୍ଚା ଭଞ୍ଜନଗର ଶାଖା ପକ୍ଷରୁ ମେଗା ରକ୍ତଦାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏନେଇ ସ୍ଥାନୀୟ ଟାଉନ ହଲ ଠାରେ ଶିବିର ଆୟୋଜନ ହୋଇଥିଲା । ଶିବିରରେ ୧୧୭ ପ୍ୟାକେଟ ରକ୍ତ ସଂଗୃହୀତ ହୋଇଥିଲା । ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । ଏହି ଅବସରରେ ଶ୍ରୀ ନାୟକ କହିଥିଲେ ରକ୍ତଦାନ ଏକ ମହତ କାର୍ଯ୍ୟ । ଜଣେ ରକ୍ତଦାନ କଲେ ଅନେକ ଲୋକଙ୍କ ଜୀବନ ରକ୍ଷା ହୋଇଥାଏ । ଯୁବମୋର୍ଚ୍ଚା କର୍ମକର୍ତ୍ତା ଏବଂ ସ୍ୱେଚ୍ଛାସେବୀମାନଙ୍କ ଏହିଭଳି ମହାନ କାର୍ଯ୍ୟକୁ ବିଧାୟକ ପ୍ରଶଂସା କରିଥିଲେ । ଆଗାମୀ ଦିନରେ ପର୍ଯ୍ୟାୟ କ୍ରମେ ଏହିଭଳି ଶିବିର ଆୟୋଜନ କରିବା ପାଇଁ ଉପସ୍ଥିତ କର୍ମକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଥିଲେ । ମେଡିକାଲ ଅଧୀକ୍ଷକ ଡାକ୍ତର ସୀତାଂଶୁ ଶେଖର ଶତପଥି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଭାଜପା କର୍ମକର୍ତ୍ତା ଶିବ ଶଙ୍କର ପ୍ରଧାନ, ସନ୍ତୋଷ ତିଆଡ଼ି, ସୁବାଷ ବରାଡ, ଧୋବା ଗୌଡ, ମାନସ ଜେନା, ଉଦ୍ଧବ ମିଶ୍ର, ରବି ଗୌଡ, ଅରକ୍ଷିତ ପରିଛା, ଅଭୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

### ଛୁରି ଭୁସି ଯୁବକଙ୍କୁ ହତ୍ୟା, ଜଣେ ଗୁରୁତର

ଚକାପାଦ,୫।୭(ପ୍ରତାପ କିଶୋର ବେହେରା):

କନ୍ଧମାଳ ଜିଲା ଟିକାବାଲି ଥାନା ଅନ୍ତର୍ଗତ ଚକାପାଦ ବ୍ଲକ ଶଙ୍କରାଖୋଲ ନିକଟ ହାଟପଦା ସାହିରେ ଗୁରୁବାର ରାତିରେ ବଣଭୋଜିରୁ ଗଣ୍ଡଗୋଳ ସୃଷ୍ଟିହୋଇ ପରେ ଛୁରାମାଡ଼ ହୋଇଥିବା ଜଣାପଡ଼ିଛି । ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ମୃତ ଯୁବକ ହେଲେ ବସନ୍ତ ଦେହୁରୀ (୩୪), ଗୁରୁତର ହେଲେ ପିଣ୍ଟୁ କହଁର ଓ ସାମାନ୍ୟ ଆହତ ହୋଇଛନ୍ତି ଲକ୍ଷ୍ମୀକାନ୍ତ ରଣା । ତିନି ଜଣଙ୍କ ଘର ଶଙ୍କରାଖୋଲ ହାଟପଦା ସାହିରେ । ଗ୍ରାମବାସୀ ଘଟଣାସ୍ଥଳରୁ ଫିରିଙ୍ଗିଆର ଗୋପି କେଶନ ମଲିକଙ୍କୁ କାବୁ କରି ପୋଲିସରେ ଜିମା ଦେଇଛନ୍ତି । ମୁଖ୍ୟ ଅଭିଯୁକ୍ତ ତପନ ବିଷୋୟୀ ଓ ସହଯୋଗୀ ମାନସ ମଲିକ ଫେରାର ହୋଇଯାଇଛନ୍ତି ।

ଗୁରୁବାର ଶାଳବଣରେ ଜି.ଉଦୟଗିରିରୁ କେତେଜଣ ଯୁବକ ଯୁବତୀ ଆସି ଭୋଜି କରୁଥିବାବେଳେ ଫିରିଙ୍ଗିଆର କିଛି ଯୁବକ ଭୋଜି କରୁଥିଲେ । ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା । ପରେ ଜି.ଉଦୟଗିରିର କିଛି ଯୁବକ ଶଙ୍କରାଖୋଲର ସନ୍ତୋଷ ନାୟକ ଓ ସ୍ୱପ୍ନଜିତ କୁମାର ମିଶ୍ରଙ୍କୁ ଜଣାଇଥିଲେ । ଘଟଣା ସ୍ଥଳରେ ଦୁଇଜଣ ପହଞ୍ଚି ଫିରିଙ୍ଗିଆର ଯୁବକଙ୍କ ସହିତ ଗଣ୍ଡଗୋଳ କରିଥିଲେ । ପରେ ସନ୍ତୋଷ ପୁଣି ଫିରିଙ୍ଗିଆର ଯୁବକଙ୍କୁ ଫୋନ କରି ପିଟିବା ପାଇଁ ଡାକିଥିଲେ । ଏହାପରେ ଫିରିଙ୍ଗିଆର ୩ ଜଣ ଯୁବକ ରାତି ୧୦ଟା ସମୟରେ ବାଇକ୍ ଯୋଗେ ଆସି ସନ୍ତୋଷଙ୍କୁ ହତ୍ୟା ଉଦ୍ୟମ କରିଥିଲେ । ଏହି ସମୟରେ ସେ ଘର ଭିତରକୁ ପଳାଇ ଯାଇ ବସନ୍, ପିଣ୍ଟୁ, ଲକ୍ଷ୍ମୀକାନ୍ତଙ୍କୁ ଡାକିବାରୁ ସେମାନେ ଘଟଣା ସ୍ଥଳରେ ପହଞ୍ଚିବା ପରେ ଫିରିଙ୍ଗିଆ ଯୁବକମାନେ ସେମାନଙ୍କୁ ଛୁରା ମାଡ଼ କରିଥିଲେ । ରକ୍ତ ଝୁଡୁବୁଡୁ ଅବସ୍ଥାରେ ସେମାନଙ୍କୁ ଫୁଲବାଣୀ ଡାକ୍ତରଖାନାକୁ ନିଆଯାଇଥିଲା । ଘଟଣା ସ୍ଥଳରେ ଫୁଲବାଣୀ ବିଧାୟକ ପହଞ୍ଚି ଉଭୟଙ୍କୁ ଚିକିତ୍ସା କରାଇବାରେ ସହଯୋଗ କରିଥିବା ବେଳେ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ପଠାଇବାର ବ୍ୟବସ୍ଥା କରିଥିଲେ । ଏମ୍ସରେ ଚିକିତ୍ସା ଅବସ୍ଥାରେ ଶୁକ୍ରବାର ସକାଳେ ବସନ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ପିଣ୍ଟୁଙ୍କ ଚିକିତ୍ସା ଚାଲିଛି । ଟିକାବାଲି ପୋଲିସ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଛାନଭିନ ଚଳାଇଛି ।

# ବିଦ୍ୟାଳୟ ଫାଟକରେ ତାଲା ପକାଇଲେ ଗ୍ରାମବାସୀ

ଜଗନ୍ନାଥ ପ୍ରସାଦ,୫।୭(ବିଭୂ ପ୍ରସାଦ ପଟ୍ଟନାୟକ):

ଜଗନ୍ନାଥପ୍ରସାଦ ବ୍ଲକ ରାଣୀଭୂମି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକମାନଙ୍କ ମଧ୍ୟରେ ମନମାଳିନ୍ୟ ଯୋଗୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବାଧାପ୍ରାପ୍ତ ହୋଇଛି । ଏହା ପ୍ରତିବାଦରେ ଗ୍ରାମବାସୀ ଶୁକ୍ରବାର ବିଦ୍ୟାଳୟ ଫାଟକରେ ତାଲା ପକାଇଥିଲେ । ଗୋଷ୍ଠୀ ଶିକ୍ଷାଧିକାରୀ ସୁଶ୍ରୀ କଲ୍ୟାଣୀ ପାଢ଼ୀ ଏଥିରେ ହସ୍ତକ୍ଷେପ କରି ଲୋକଙ୍କୁ ବୁଝାଶୁଝା କରିବା ତାଲା ଖୋଲିଥିଲା ।

ରାଣୀଭୂମି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ରହିଛି । ଏଠାରେ ମୋଟ ୮୫ଜଣ ଛାତ୍ରଛାତ୍ର ଥିବା ବେଳେ ମାତ୍ର ୪ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି ।




ଏଠାରେ ୧ ବର୍ଷରୁ ଉର୍ଦ୍ଧ ହେଲା ପ୍ରଧାନ ଶିକ୍ଷକ ଥିବା ଅଶୋକ କୁମାର ପାଢ଼ୀ ବିଦ୍ୟାଳୟ ପାରିପାର୍ଶ୍ୱିକ ସ୍ଥିତି ଓ ପରିବେଶକୁ ସୁନ୍ଦର କରି ଗ୍ରାମବାସୀଙ୍କ ଓ ଶିକ୍ଷା ଅଧିକାରୀଙ୍କଠାରୁ ପ୍ରଶଂସିତ ହୋଇଛନ୍ତି । ତାଙ୍କୁ କେତେଜଣ ଶିକ୍ଷକ ଅସହଯୋଗ କରୁଥିବା ଓ ମନମାନି କରୁଥିବାରୁ ୩ମାସ ପୂର୍ବେ କଥା କଟାକଟି ହୋଇଥିଲା । ପ୍ରଧାନ ଶିକ୍ଷକ ଏ ନେଇ ପରିଚାଳନା କମିଟିକୁ ଜଣାଇଥିଲେ ମଧ୍ୟ କୌଣସି ସମାଧାନର ବାଟ ବାହାରି ନ ଥିଲା । ଶୁକ୍ରବାର ପୁଣି କୌଣସି କଥାକୁ ନେଇ କଥା କଟାକଟି ହୋଇଥିବା ଖବରପାଇ ଗ୍ରାମବାସୀ ବିଇଓଙ୍କୁ ଅଭିଯୋଗ କରିବା ସହ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ । ସ୍କୁଲ ପରିଚାଳନା ସଭାପତି ଜ୍ୟୋତି ରଞ୍ଜନ ଦଳବେହେରା ଓ ଉପସଭାପତି ବିଷ୍ଣୁ ଗୌଡ଼ ଏହାର ସ୍ଥାୟୀ ସମାଧାନ ପାଇଁ ବିଇଓଙ୍କ ସହଯୋଗ ଲୋଡ଼ିଥିଲେ । ବିଇଓ ପହଞ୍ଚି ଶିକ୍ଷକମାନଙ୍କୁ ତାଗିଦ୍ କରିଥିଲେ ।ଶିକ୍ଷକ ମାନେ ସରକାରୀ ନିୟମକୁ ପାଳନ କରିବା ଏବଂ ପ୍ରଧାନ ଶିକ୍ଷକଙ୍କ ନିର୍ଦ୍ଦେଶ ଅନୁଯାଇ ସମସ୍ତ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲୋ ଖିଲାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଇଓ କହିଛନ୍ତି । ପରେ ଗ୍ରାମବାସୀ ଫାଟକ ଖୋଲିଛନ୍ତି ।

# ଗୋପାଳପୁର-ଚିଲିକା-ସାତପଡ଼ାକୁ ରାସ୍ତା ହେବ

ଛତ୍ରପୁର, ୫।୭ (ସନ୍ତୋଷ ପାଢ଼ୀ):

କେନ୍ଦ୍ର ସରକାରଙ୍କ ଦ୍ୱାରା ଗୋପାଳପୁରଦୀଘା ଉପକୂଳ ରାସ୍ତା ନିର୍ମାଣ ଯୋଜନାରୁ ଗୋପାଳପୁର–ସାତପଡ଼ା ସଡ଼କକୁ ପରିବେଶଗତ କାରଣକୁ ନେଇ ବାଦ ଦିଆଯାଇଥିଲା । ତେବେ ବର୍ତ୍ତମାନ ଉକ୍ତ ରାସ୍ତା ପୁଣି ମୂଳ ଯୋଜନାରେ ଅନ୍ତର୍ଭୁକ୍ତ ହେବ ବୋଲି କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରାଳୟ ପକ୍ଷରୁ ଘୋଷଣା ହୋଇଛି । ଫଳରେ ବ୍ରହ୍ମପୁର–ପୁରୀ ସିଧାସଳଖ ସଂଯୋଗୀକରଣ ରାସ୍ତା ଫିଟିଛି । ଉଭୟ ସହର ମଧ୍ୟରେ ଯାତ୍ରା ଦୂରତା ଓ ସମୟ ବେଶ ହ୍ରାସ ପାଇବ । ଏଥିସହ ଅର୍ଥନୈତିକ କ୍ଷେତ୍ରରେ ରାଜ୍ୟ ଆଗକୁ ବଢିବ ବୋଲି ମତବ୍ୟକ୍ତ କରିଛନ୍ତି ଅର୍ଥନୈତିକ ବିଷାରଦ । ଜାତୀୟ ରାଜପଥ ୫୧୬ ଏବଂ ୩୧୬ ସହିତ ଏହି ରାସ୍ତା ଯୋଡିହେବ । ସାତପଡ଼ାର ବରହମପୁର ଦୀପ ଏବଂ ମଏସାଠାରୁ ଜହ୍ନିକୁଦା ଚିଲିକା ଜଳରାଶି ଉପରେ ଅତ୍ୟାଧୁନିକ ବ୍ରିଜ ନିର୍ମାଣ କରାଯିବ ବୋଲି ଜଣାପଡିଛି । ଏହି ରାସ୍ତା ଓ ବ୍ରିଜ ନିର୍ମାଣ ପରେ ବ୍ରହ୍ମପୁର– ପୁରୀ ଦୂରତା ମାତ୍ର ୭୫ କିଲୋମିଟର ହେବ । ଦକ୍ଷିଣ ଓଡ଼ିଶା ସହ ଉତ୍ତର ଓଡ଼ିଶା ସଂଯୋଗୀକରଣ ସାଙ୍ଗକୁ ପୁରୀ ଯିବା ସହଜ ହେବ । ପୁରୀ ଜିଲା ବ୍ରହ୍ମଗିରି ବ୍ଲକର ୨୧ଟି ପଞ୍ଚାୟତରୁ ୧୪ଟି ପଞ୍ଚାୟତର ୯୨ଟି ଗ୍ରାମ ଗମନାଗମନର ସୁବିଧା ପାଇବେ । ଏବେ ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକ ବାସୀ ପୁରୀ ଯିବାକୁ ହେଲେ ଚିଲିକା ଜଳପଥ ଅତିକ୍ରମ କରିବାକୁ ପଡୁଛି । ଏହା ଗଞ୍ଜାମ ଜିଲା ସୀମାନ୍ତ ହୋଇଥିବାରୁ ବ୍ରହ୍ମପୁରରୁ ବସ୍ ଏବଂ ଅନ୍ୟାନ୍ୟ ଯାନବାହାନ ଭେସେଲ ଦ୍ୱାରା ଚିଲିକା ହ୍ରଦ ପାର କରି ପୁରୀ ଯାଉଛି ।

# ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ବଳାତ୍କାର, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୫।୭(ଅଶେଷ ନାଥ ମିଶ୍ର):

ଦିଗପହଣ୍ଡି ଥାନା ଅଧୀନସ୍ଥ ଏକ ଗ୍ରାମରେ ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଶୁକ୍ରବାର ଗିରଫ କରିଛି । ଅଭିଯୁକ୍ତ ଜଣକ ହେଲେ ବାସୁଦେବପୁର ପ୍ରାଥମିକ ସେବା ସମବାୟ ସମିତି ସଭାପତି ଥିବା ବଜାପଲ୍ଲୀ ଗ୍ରାମର ଡି . ସନାତନ ଦୋରା । ମହିଳାଙ୍କ ସ୍ୱାମୀ ସର୍ବଦା ମଦ୍ୟପାନ କରି ତାଙ୍କୁ ଅଯଥାରେ ମାରପିଟ କରୁଥିବା ନେଇ ମହିଳା ଜଣକ ଅଭିଯୁକ୍ତଙ୍କୁ ସାକ୍ଷାତ କରି ସମସ୍ୟା ଜଣାଇଥିଲେ । ଏହାର ସୁଯୋଗ ନେଇ ସନାତନ ମହିଳାଙ୍କୁ ଦ୍ୱିତୀୟ ବିବାହର ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲେ । ମହିଳାଙ୍କୁ ବିଭିନ୍ନ ସ୍ଥାନ ବୁଲାଇ ବାରମ୍ବାର ତାଙ୍କ ସହ ସମ୍ପର୍କ ରଖିଆସୁଥିଲେ । ଏହା ଜାଣି ମହିଳାଙ୍କ ସ୍ୱାମୀ ଗ୍ରାମସଭାରେ ମହିଳାଙ୍କୁ ଘରୁ ତଡ଼ି ଦେଇଥିଲେ । ଏହାପରେ ମହିଳା ଜଣକ ଭୁବନେଶ୍ୱରରେ ପିଲାଛୁଆଙ୍କୁ ଧରି ରହୁଥିବା ସମୟରେ ସନାତନ ସେଠାକୁ ଯାଇ ମହିଳାଙ୍କଠାରୁ ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆଣିଥିଲେ । ଶେଷରେ ମହିଳା ଜଣକ ସନାତନଙ୍କୁ ଟଙ୍କା ମାଗିବାରୁ ସେ ତାଙ୍କୁ ବ୍ରହ୍ମପୁର ନିକଟସ୍ଥ କାଲୁଆ ମନ୍ଦିରକୁ ଡ଼ାକିଥିଲେ । ସେଠାରେ ଟଙ୍କା ଦେବା ପରିବର୍ତ୍ତେ ମହିଳାଙ୍କ ଅନିଚ୍ଛା ସତ୍ତ୍ୱେ ନିକଟସ୍ଥ ଜଙ୍ଗଲ ମଧ୍ୟକୁ ନେଇ ଜୋର ଜବରଦସ୍ତ ବଳାତ୍କାର କରିବା ପରେ ଘଟଣା ପ୍ରଘଟ କଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିବା ନେଇ ଥାନାରେ ମହିଳା ଜଣକ ଗତ ଫେବୃଆରୀ ୨୭ରେ ଅଭିଯୋଗ କରିଥିଲେ । ପୋଲିସ ମାମଲା ରୁଜୁ କରି ଶୁକ୍ରବାର ଅଭିଯୁକ୍ତଙ୍କୁ ଗିରଫ କରି ବ୍ରହ୍ମପୁର ଏସଡିଜେଏମ କୋର୍ଟକୁ ଚାଲାଣ କରିଥିଲା । ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଥିବା ତଦନ୍ତ ଅଧିକାରୀ ସୋଫିଆ ମିଶ୍ର ସୂଚନା ଦେଇଛନ୍ତି ।

## ୨ ବିଚାରପତି କାର୍ଯ୍ୟରେ ଯୋଗଦେଲେ

ଭଞ୍ଜନଗର,୫।୭(ବାବୁଲା ପ୍ରଧାନ):

ଭଞ୍ଜନଗର କୋର୍ଟରେ ଶୁକ୍ରବାର ୨ଜଣ ନୂତନ ବିଚାରପତି କାର୍ଯ୍ୟରେ ଯୋଗ ଦେଇଛନ୍ତି । ସବ୍‌ଜଜ୍ ଭାବେ ଦେବାଶିଷ ବିଷୋୟୀ ଏବଂ ଜେଏମ୍‌ଏଫ୍‌ସି ଭାବେ ଭିଏନା ନାୟକ ଯୋଗ ଦେଇଛନ୍ତ । ଜେଏମ୍‌ଏଫ୍‌ସି ବ୍ରହ୍ମପୁରରୁ ଏଠାକୁ ବଦଳି ହୋଇ ଆସିଥିବା ବେଳେ ସବ୍‌ଜଜ୍ ପୁରୀରୁ ବଦଳି ହୋଇ ଆସିଛନ୍ତି । କୋର୍ଟ କର୍ମଚାରୀ ଏବଂ ଆଇନଜୀବୀମାନେ ଦୁଇ ନୂତନ ବିଚାରପତିଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଛନ୍ତି । ପୂର୍ବରୁ ଏଠାରେ ଥିବା ୨ ବିଚାରପତି ସମ୍ବଲପୁରକୁ ବଦଳି ହୋଇଛନ୍ତି । ଅନ୍ୟପକ୍ଷରେ ଭଞ୍ଜନଗର ନୂତନ ସବ୍ ରେଜିଷ୍ଟାର ଭାବେ ପ୍ରଭାକର ପ୍ରଧାନ ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି ।

# ଅବସରପ୍ରାପ୍ତ ବାୟୁସେନା ଅଧିକାରୀଙ୍କ ପୁଅ ହେବେ ଲ୍ୟୁଟନାଣ୍ଟ

ପୁରୁଷୋତ୍ତମପୁର,୫।୭
(ସିମାଞ୍ଚଳ ମିଶ୍ର):



ଭାରତୀୟ ପ୍ରଶାସନିକ ସେବା ଦ୍ୱାରା ପରିଚାଳିତ କମ୍ବାଇନ୍ଡ ଡିଫେନ୍ସ ସର୍ଭିସ (ସିଡିଏସ୍) ପରୀକ୍ଷାରେ ଓଡିଶାରୁ ମାତ୍ର ୨ ଜଣ କୃତିତ୍ୱ ହାସଲ କରିଥିବା ବେଳେ ସେଥିମଧ୍ୟରେ ଗଞ୍ଜାମ ଜିଲା ପୁଷୋତ୍ତମପୁର ଏନ୍ଏସି ରଥସାହିର ସ୍ୱନ୍ଦନ ଦାଶ ୪୨ନଂ. ର୍ୟାଙ୍କ ପାଇ ଗୌରବ ଆଣିଛନ୍ତି । ସେ ପ୍ରତିରକ୍ଷା ବିଭାଗରେ ଆଗାମୀ ଦିନରେ ଲ୍ୟୁଟନାଣ୍ଟ ଭାବେ କାର୍ଯ୍ୟ କରିବାର ସୁଯୋଗ ପାଇଛନ୍ତି । ସ୍ୱନ୍ଦନ ଡେରାଡୁନଠାରେ ଥିବା ଆଇଏମଏ ପ୍ରଶିକ୍ଷଣ କେନ୍ଦ୍ରରେ ତାଲିମ ନେବେ । ଭୁବନେଶ୍ୱର ଆଇଆଇଟିରୁ ଇଲେକ୍ଟ୍ରିକାଲ ଓ ଇଲୋକ୍ଟ୍ରୋନିକ୍ସରେ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିବାପରେ ସେ ଦେଶ ସେବା କରିବାର ଲକ୍ଷ୍ୟରଖି ୨୦୨୨ରୁ ସଂଘର୍ଷ ଆରମ୍ଭ କରିଥିବା ବେଳେ ଏବେ ସଫଳତା ହାସଲ କରିଛନ୍ତି । ସ୍ୱନ୍ଦନ ତତ୍କାଳୀନ ତହସିଲଦାର ସ୍ୱର୍ଗତ ବିପ୍ରଚରଣ ଦାଶଙ୍କ ନାତି ଓ ବାୟୁସେନାର ଅବସରପ୍ରାପ୍ତ ୱାରେଣ୍ଟ ଅଫିସର ଲଳିତେନ୍ଦୁ ଦାଶଙ୍କ ପୁଅ ଅଟନ୍ତି । ସଫଳତାର ଶ୍ରେୟ ସେ ତାଙ୍କ ବାପା ଲଳିତେନ୍ଦୁ, ମା’ ଅଞ୍ଜଳି ଓ ପରିବାର, ଗୁରୁଜନ ମାନଙ୍କୁ ଦେଇଛନ୍ତି । ଏହି ସଫଳତା ଲାଗି ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି ।

# ହିଞ୍ଜିଳି ନିର୍ବାଚନମଣ୍ଡଳୀରେ ବିଭିନ୍ନ ଦୁର୍ନୀତି ଅଭିଯୋଗ

## ସମାଧାନ ନ ହେଲେ ୧୯ରୁ କଂଗ୍ରେସର ଧାରଣା

ଛତ୍ରପୁର, ୫।୭ (ସନ୍ତୋଷ ପାଢ଼ୀ):

ଗଞ୍ଜାମ ଜିଲା ହିଞ୍ଜିଳି ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଦୁର୍ନୀତୀ ହୋଇଥିବା ନେଇ କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି । ଏହାର ବିଲୋପ ସହ ସମ୍ପୃକ୍ତ ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦଳ ପକ୍ଷରୁ ଦାବି ହୋଇଛି । ଏହା ନ କରାଗଲେ ୧୯ ତାରିଖରୁ ହିଞ୍ଜିଳିକାଟୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିବେ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି । ଏଥିସହ ବ୍ରହ୍ମପୁର ଖଣି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨୦ରୁ ଧାରଣା ଦେବାକୁ ବାଧ ହେବୁ ବୋଲି କହିଛନ୍ତି । ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର କଂଗ୍ରେସ ନେତା ରଜନୀକାନ୍ତ ପାଢ଼ୀଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ପୂର୍ବରୁ ଜୁନ ୧୮ରେ ହିଞ୍ଜିଳି କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି ବୋଲି ଗୁତାଦାରଙ୍କ ସହ ସଲାସୁତୁରା କରି ନିଜର ହାତ ସଫେଇ କରିବା ସହ ରାଜ୍ୟ ରାଜକୋଷରୁ ବାର୍ଷିକ କୋଟି କୋଟି ଟଙ୍କା ରାଜସ୍ୱ କ୍ଷତି କରିବାରେ ଅଧିକାରୀ ସହାୟକ ହେଉଥିବା ଅଭିଯୋଗ ହୋଇଛି । ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୁର୍ନୀତୀରେ ଲିପ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସଂପୃକ୍ତ ବାଲିଘାଟ ଲିଜକୁ ରଦ୍ଦ କରିବାକୁ ଦାବି ହୋଇଛି । ହିଞ୍ଜିଳିକାଟୁ ତହସିଲ ଦୁର୍ବନ୍ଧ ଗ୍ରାମ ଶିବମନ୍ଦିର ନିକଟରେ ବେଆଇନ ଭାବେ ମଦଦୋକାନ ଏବଂ ଶେରଗଡ ତହସିଲ ବରମୁଣ୍ଡୁଳି ଗ୍ରାମ ନିକଟରେ ବେଆଇନ ଭାବେ ମଦଭାଟିକୁ ବନ୍ଦ କରିବା, ହିଞ୍ଜିଳି ଓ ଶେରଗଡ଼ ବ୍ଲକରେ ଶିକ୍ଷକ ପଦବୀ ପୂରଣ, ସ୍ୱାସ୍ଥ୍ୟସେବା ସୁଧାରିବା, ଶେରଗଡ ତହସିଲ ପାକିଡି ଘଟଣାର ତଦନ୍ତ କରି ଉପରୋକ୍ତ ସମସ୍ୟାର ସମାଧାନ ଆଦି ଦାବି କରିଛନ୍ତି ।

## ନବଜାତ ଶିଶୁକନ୍ୟା ମୃତଦେହ ଜବତ

ହିଞ୍ଜିଳିକାଟୁ,୫।୭(ଦ୍ୱିତୀକୃଷ୍ଣ ପଣ୍ଡା):

ହିଞ୍ଜିଳିକାଟୁ ନିକଟସ୍ଥ ୫୯ନଂ ଜାତୀୟ ରାଜପଥ ପାର୍ଶ୍ୱ ସନ୍ତୋଷୀ ମା’ ମନ୍ଦିର ନିକଟରୁ ଶୁକ୍ରବାର ଏକ ନବଜାତ ଶିଶୁକନ୍ୟାର ମୃତଦେହ ପୋଲିସ ଜବତ କରିଛି । ଶିଶୁ କନ୍ୟାକୁ କିଏ କାହିଁକି ଏଠାରେ ପକାଇଥିଲେ ସେ ନେଇ ସ୍ପଷ୍ଟ ସୂଚନା ମିଳିନାହିଁ । ଏ ନେଇ ହିଞ୍ଜିଳି ଥାନାରେ ନଂ.୨୧/୨୪ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ପୋଲିସ ଶିଶୁକନ୍ୟା ମୃତଦେହକୁ ବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଚଳାଇଛି ।

## ରଥ ନିର୍ମାଣ କାମ ସରିଲା

ଶେରଗଡ, ୫।୭(ସୂର୍ଯ୍ୟନାରାୟଣ ଦାଶ):

ଆଖପାଖ ୭୦ ଖଣ୍ଡ ଗ୍ରାମର ରଥଯାତ୍ରା ହେଉଛି ଶେରଗଡ ରଥଯାତ୍ରା । ରଥ ନିର୍ମାଣ କାମ ଶେଷ ହୋଇଛି । ମହାରଣାମାନେ ଶେଷ ସ୍ପର୍ଶ ଦେଇ ଜଗନ୍ନାଥ ମନ୍ଦିର ସମ୍ମୁଖରେ ରଥ ନିର୍ମାଣ କାର୍ଯ୍ୟ ସାରି ଦେଇଛନ୍ତି । ସେପଟେ ଠାକୁରଙ୍କ ବନକ ଲାଗି ନୀତି କାମ ସରିଲାଣି । ରଥଯାତ୍ରା ୭ରେ ହେବ । ଏଥି ନିମନ୍ତେ ଜଗନ୍ନାଥ ମନ୍ଦିର ରାଜପରିବାର ଚଳଚଞ୍ଚଳ ହୋଇଉଠିଛି । ଚଳିତବର୍ଷ ରଥ ନିର୍ମାଣ କାମ ସରିଥିଲା ବେଳେ ରଥ କନା ପଡିବାକୁ ବାକି ରହିଛି । ଚଳିତବର୍ଷ ନୂଆ ରଥ କନା ପଡିବାର ଯୋଜନା ରହିଛି । ଏଥିସହିତ ରଥର ନେତ ବନ୍ଧା ହେବ । ରଥଯାତ୍ରାକୁ ଯାକଜମକରେ ପାଳନ କରାଯିବ ବୋଲି ରାଜା ସାହେବ ପୂର୍ଣ୍ଣଚନ୍ଦ୍ର ସିଂଦେଓ କହିଛନ୍ତି । ରଥ ନିର୍ମାଣ କାର୍ଯ୍ୟ ସୁରୁଖୁରୁରେ ସମାପନ ହୋଇଛି ବୋଲି ରାଜଶ୍ରୀ ମହାରଣା ରଘୁନାଥ ମହାରଣା, ବିଚେଇନ ପାତ୍ର, ସୀତାରାମ ପଟ୍ଟନାୟକ ପ୍ରମୁଖ କହିଛନ୍ତି ।

# କେରଳରୁ ତାଲିମ ନେଇ ଫେରିଲେ ସିଆରସିସି



ସିଆରସିସିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଧରାକୋଟ,୫।୭(ବିଷ୍ଣୁ କେଶରୀ ଆଚାର୍ଯ୍ୟ):

ମୋ ସ୍କୁଲ ଓ ଗଣଶିକ୍ଷା ବିଭାଗର ମିଳିତ ଉଦ୍ୟମରେ ରାଜ୍ୟର ବିଭିନ୍ନ ଜିଲାରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ୨୮ ଜଣ ସିଆରସିସି କେରଳରେ ଥିବା ଆଇଆଇଏମ ପ୍ରତିଷ୍ଠାନରୁ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ନେଇ ଫେରିଛନ୍ତି । ସେମାନଙ୍କ ମଧ୍ୟରେ ଧରାକୋଟ ବ୍ଲକର ରୁଗୁମୁ କ୍ଲଷ୍ଟରର ସିଆରସିସି କାଳୁ ଚରଣ ଗୌଡ଼ ଅଛନ୍ତି । ସିଆରସିସିମାନଙ୍କୁ ବିଦ୍ୟାଳୟ ପରିଚାଳନା, ବୈଷୟିକ ଜ୍ଞାନକୌଶଳ ବିକାଶ, ନେତୃତ୍ୱର ବିକାଶ, ଗୁଣାତ୍ମକ ଶିକ୍ଷା, ପରିଚାଳନାଗତ ଦକ୍ଷତା ବୃଦ୍ଧି, ବଶୀକରଣ ସମ୍ବନ୍ଧୀୟ କୌଶଳ ପ୍ରଦାନ କରାଯାଇଥିଲା । ପ୍ରାଥମିକ ସ୍ତରରେ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି ନୂତନ ପଦ୍ଧତିରେ ଶିକ୍ଷାଦାନ କରିବା ଏହି ତାଲିମର ମୂଳ ଉଦ୍ଦେଶ୍ୟ । ସିଆରସିସି କାଳୁ ଚରଣ ଗୌଡ଼ ଗତ ଜାନୁଆରୀରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିଲେ । କେରଳରୁ ତାଲିମ ନେଇ ଫେରିବା ପରେ ବିଇଓ କାର୍ଯ୍ୟାଳୟ, ବ୍ଲକ ସିଆରସି ସି ସଂଘ ଓ କ୍ଲଷ୍ଟରସ୍ତରର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# କୋଦଳା ଏନ୍ଏସି କାଉନସିଲ ବୈଠକ

## ଯୋଗଦେଲେ ଏମ୍‌ପି, ବିଧାୟକ

କୋଦଳା,୫।୭(ଅମିତ କୁମାର ପଟ୍ଟନାୟକ):

କୋଦଳା ଏନ୍ଏସି କାଉନସିଲ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯୋଗଦେବାକୁ ଆସିଥିବା ନବ ନିର୍ବାଚିତ ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ଏବଂ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି । କୋଦଳା ମୁଖ୍ୟ ଛକ ନିକଟରେ ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନାୟକ ଏବଂ ଉପାଧ୍ୟକ୍ଷା ରଞ୍ଜିତା ସେଠିଙ୍କ ସମେତ କୋଦଳାର ଶତାଧିକ ଜନସାଧାରଣ ଉପସ୍ଥିତ ରହି ଏମ୍‌ପି ଏବଂ ବିଧାୟକଙ୍କୁ ସ୍ୱାଗତ କରିଥିଲେ । ପରେ ଉଭୟେ ପଦଯାତ୍ରା କରି ସ୍ଥାନୀୟ କଲ୍ୟାଣ ମଣ୍ଡପ ନିକଟରେ ଆୟୋଜିତ କାଉନସିଲ ବୈଠକରେ ଯୋଗଦେଇଥିଲେ । ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ



କାଉନସିଲ ବୈଠକରେ ଉପସ୍ଥିତ ଏମପି ଓ ବିଧାୟକ ।

ଏନ୍ଏସି କାଉନସିଲ ବୈଠକରେ ଏମପି ଏବଂ ବିଧାୟକ ଉପସ୍ଥିତ ରହି କୋଦଳା ସହରକୁ କିପରି ସୁନ୍ଦର କରାଯିବ ଏବଂ ବିଭିନ୍ନ ସମସ୍ୟା ସମାଧାନ ହେବ ସେ ନେଇ ଆଲୋଚନା କରିଥିଲେ । ଉପାଧ୍ୟକ୍ଷା କୋଦଳାର ବିଭିନ୍ନ ସାହିରେ ଡ୍ରେନେଜ ସମସ୍ୟା, ସ୍ଥାୟୀ ପରିବା ବଜାର ନିର୍ମାଣ, କେତେକ ସାହି ରାସ୍ତାର ଉନ୍ନତି, ବସଷ୍ଟାଣ୍ଡରେ ଥିବା ସମସ୍ୟା ସାଙ୍ଗକୁ ସେଠାରେ ଥିବା ରାତ୍ରି ଆଶ୍ରୟସ୍ଥଳକୁ କାର୍ଯ୍ୟକାରୀ କରିବା, ନୂତନ ପାର୍କ ସ୍ଥାପନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ନିର୍ବାହୀ ଅଧିକାରୀ କୃଷ୍ଣ ଚନ୍ଦ୍ର ରଥଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଏବଂ କାଉନସିଲର ମାନେ ଉପସ୍ଥିତ ରହିଥିଲେ ।

# ବନ ମହୋତ୍ସବ ସପ୍ତାହ ପାଳିତ

ବୁଗୁଡା,୫।୭(କାଳିଚରଣ ଦାଶ):

ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିନସ୍ଥ ବୁଗୁଡା ବନାଞ୍ଚଳ ତରଫରୁ ବାଘୁଆ ନର୍ସରୀ ପରିସରରେ ଗୁରୁବାର ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି । ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡଃ ସଞ୍ଜୟ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ମହୋତ୍ସବରେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ, ଭଞ୍ଜନଗର ଡି ଏମ୍ ପ୍ରଭାକର ନାୟକ, ଏସିଏଫ୍ ରଜତ କୁମାର ମିଶ୍ର, ବୁଗୁଡ଼ା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର, ଭଗବାନପୁର ସରପଞ୍ଚ ସୁଶାନ୍ତ କୁମାର ପ୍ରଧାନ, ଜିଲା ପରିଷଦ ସଭ୍ୟା ଚାନ୍ଦିନୀ ନାୟକ, ଗଙ୍ଗାଧର ବିଷୋୟୀ, ଅଧ୍ୟାପକ ବିଭୁତି ଭୂଷଣ ମିଶ୍ର, ଗୌରିଶଙ୍କର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।

# ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ ବୈଠକ

ବେଲଗୁଣ୍ଠା,୫।୭(କୃଷ୍ଣଚନ୍ଦ୍ର ପଟ୍ଟନାୟକ):

ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ଶୁକ୍ରବରା ଏନ୍ଏସିର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ନଗରପାଳ ଫିରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ରୂପେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଯୋଗଦେଇଥିଲେ । ମୁଖ୍ୟତଃ ବେଲଗୁଣ୍ଠାରେ ସ୍ୱଚ୍ଛତା ବଜାୟ ରଖିବା ଏବଂ ମେଡିକାଲ୍‌ର ଡ଼ାକ୍ତର ଅଭାବ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ବେଲଗୁଣ୍ଠା ମେଡିକାଲ୍‌ରେ ଡ଼ାକ୍ତର ନଥିବାରୁ ଏହା ଏକ ରେଫରାଲ୍ ମେଡିକାଲ୍‌ରେ ପରିଣତ ହୋଇଛି ବୋଲି ସଦସ୍ୟମାନେ ଉଦବେଗ ପ୍ରକାଶ କରିବା ସହିତ ଏହାର ସମାଧାନ ପାଇଁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହା ସହିତ ଅସ୍ଥିଶଲ୍ୟ ଏବଂ ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ନିହାତି ଆବଶ୍ୟକ ବୋଲି କହିଥିଲେ । ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ । ସେହିପରି ସମସ୍ତ ମନ୍ଦିରର ରକ୍ଷଣାବେକ୍ଷଣ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ । ବେଲଗୁଣ୍ଠା ବସ୍‌ଷ୍ଟାଣ୍ଡର ତୁରନ୍ତ କାର୍ଯ୍ୟକ୍ଷମ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ । ବୈଠକରେ ବେଲଗୁଣ୍ଠା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ବର ସାମନ୍ତ, ନଗରପାଳ ଫିରୋଜ କୁମାର ସେଠୀ, ଉପନଗରପାଳ ଟି ବବିତା କୁମାରୀ ପ୍ରମୁଖ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ କାଉନସିଲର୍ ଏସ୍ ଭାସ୍କର ପାତ୍ର, ଦିବ୍ୟରଞ୍ଜନ ଦାଶ, ଲିଜା. ବେହେରା, ପ୍ରିୟମ୍ବଦା ସାମଲ, କାହ୍ନୁ ଚରଣ ସାହୁ, ପ୍ରଦୀପ କୁମାର ସେଠି, କେ ସୁଜ୍ୟୋତି ସୁବୁଦ୍ଧି, ସିଏଚ୍ ସଂଗୀତା ପାତ୍ର, ବିଶ୍ୱନାଥ ଦଳାଇ, ପ୍ରତିମା ସ୍ୱାଇଁ ଉପସ୍ଥିତ ଥିଲେ ।

# ଭାରତୀୟ ମାନକ ବ୍ୟୁରୋ ତରଫରୁ ସଚେତନତା କର୍ମଶାଳା

ଛତ୍ରପୁର,୫।୭ (ସନ୍ତୋଷ ପାଢ଼ୀ /ଦିଲୀପ ସାମଲ): ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଭାରତୀୟ ମାନକ ବ୍ୟୁରୋ ତରଫରୁ ଜିଲାସ୍ତରୀୟ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି । ଏଥିରେ ଭାରତୀୟ ମାନକ ବ୍ୟୁରୋ, ଭୁବନେଶ୍ୱର ଶାଖାର ବୈଜ୍ଞାନିକ ଦୀପକ ପାତ୍ର ଏବଂ ରଜନୀ ପନଓ୍ୱାର ତାଲିମ ପ୍ରଦାନ କରିଥିଲେ । ଉତ୍ପାଦକ ଓ ଖାଉଟି ମଧ୍ୟରେ ସୁସମ୍ପର୍କ, ଦ୍ରବ୍ୟ ଉତ୍ପାଦନରେ ସହାୟତା, ବିଭିନ୍ନ ପ୍ରକାର ଦ୍ରବ୍ୟର ମାନ ଓ ଗୁଣବତ୍ତା ଯାଞ୍ଚ ଉପରେ ତାଲିମ ପ୍ରଦାନ କରିଥିଲେ । ସରକାରୀ କାର୍ଯ୍ୟାଳୟରେ କ୍ରୟ କରାଯାଉଥିବା ଦ୍ରବ୍ୟଗୁଡିକର ମାନ ଓ ଗୁଣବତ୍ତା ବିଷୟରେ ଯାଞ୍ଚ କରିବା ପାଇଁ ବିଆଇଏସ ଆପ୍ ଡାଉନଲୋଡ କରିବାକୁ




କହିଥିଲେ । ତାହା ସାହାଯ୍ୟରେ ସମସ୍ତ ଦ୍ରବ୍ୟ ଏବଂ ହଲମାର୍କ ସୁନା, ରୂପା ଆଦିର ମାନ, ଗୁଣବତ୍ତା ଓ ନିର୍ମାଣ ସ୍ଥାନ ଆଦି ବିଷୟରେ ସମସ୍ତ ତଥ୍ୟ ସଠିକ ଭାବେ ଜାଣିହେବ ବୋଲି ରଜନୀ ପନଓ୍ୱାର କହିଥିଲେ । ସାମଗ୍ରୀ ପ୍ରମାଣ ସଙ୍କେତ ଆଇଏସଆଇ, ଇଲେକ୍ଟ୍ରୋନିକ ସାମଗ୍ରୀ ସକାଶେ ବାଧ୍ୟତାମୂଳକ ପଞ୍ଜିକରଣ ଯୋଜନା ସଙ୍କେତ, ପରିଚାଳନାଗତ ପ୍ରମାଣ ପତ୍ର, ହଲମାର୍କ, ଇକୋ ଫ୍ରେଣ୍ଡଲି ପ୍ରଭୃତି ସଙ୍କେତଗୁଡିକର ଆବଶ୍ୟକତା, ବ୍ୟବହାର ଏବଂ ନବୀକରଣ ଯୋଗ୍ୟ କିଭଳି ହେବା ଉଚିତ ତାହା ବର୍ଣ୍ଣନା କରିଥିଲେ । କୃଷି, ଶିକ୍ଷା, ଶକ୍ତି, ଜଳ ଯୋଗାଣ, ଭୂ ଉନ୍ନୟନ, ସ୍ୱାସ୍ଥ୍ୟ, ଆରକ୍ଷୀ ବିଭାଗ ଭଳି ଅନ୍ୟାନ୍ୟ ସମସ୍ତ ବିଭାଗରେ ବ୍ୟବହୃତ ହେଉଥିବା ସାମଗ୍ରୀ ଓ ତା’ର ମାନକ ସମ୍ପର୍କରେ ଅବଗତ କରାଇଥିଲେ । ଏହି ସଚେତନତା କର୍ମଶାଳାରେ ଅତିରିକ୍ତ ଜିଲାପାଳ ପ୍ରମୋଦ କୁମାର ପୃଷ୍ଟି, ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ପଟେଲ, ସମସ୍ତ ଜିଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ ।

# ହକ୍ ପାଇଁ ଧାରଣା ସହ ଜିଲାପାଳଙ୍କୁ ଭେଟିଲେ ଶ୍ରମିକ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକମାନେ ନିଜର ପ୍ରାପ୍ୟ ନ ପାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ନୟାଗଡ଼, ୫।୭ (ଲୋକନାଥ ମିଶ୍ର)

- ୨୦ ବର୍ଷ ଧରି କାମ କରୁଥିଲେ ମଧ ନାହିଁ ଇପିଏଫ୍, ଇଏସ୍ଆଇ
- ଧାର୍ଯ୍ୟ ପାରିଶ୍ରମିକକୁ ଚଞ୍ଚକତା କରି ଠିକାଦାର ଲୁଟୁଛନ୍ତି
- ଅଭିଯୋଗ, ଆନ୍ଦୋଳନ ସତ୍ତ୍ୱେ ନାହିଁ କାର୍ଯ୍ୟାନୁଷ୍ଠାନ
- ଚାଉଳ ସଂଗ୍ରହ କେନ୍ଦ୍ରରେ ୩ ଦିନ ହେଲା ପଡ଼ିରହିଛି ଚାଉଳ

ଓଡ଼ିଶା ଯୋଗାଣ ନିଗମର ନୟାଗଡ଼ ଜିଲା କାନକଟା ଓ ଗୋଡିସାହି ଚାଉଳ ସଂଗ୍ରହ କେନ୍ଦ୍ର ସମ୍ମୁଖରେ ଶ୍ରମିକମାନେ ନିଜର ହକ୍ ପାଇଁ ଶୁକ୍ରବାର ଆନ୍ଦୋଳନ କରିଥିଲେ। ପରେ ଶ୍ରମିକମାନେ ଜିଲାପାଳଙ୍କୁ ଭେଟି ଏହାର ସମାଧାନ କରିବାକୁ ନିବେଦନ କରିଛନ୍ତି। ଧାର୍ଯ୍ୟ ପାରିଶ୍ରମିକରେ ଠିକାଦାରଙ୍କ ଚଞ୍ଚକତା ଓ ୨୦ ବର୍ଷ ଧରି କାମ କରିଆସୁଥିଲେ ମଧ ସେମାନଙ୍କ ନାଁରେ ଇପିଏଫ୍ ଓ ଇଏସ୍ଆଇ କରାଯାଉନାହିଁ। ସେହିପରି ଚାଉଳ ସଂଗ୍ରହ କେନ୍ଦ୍ରରେ ପାନୀୟଜଳ ବ୍ୟବସ୍ଥା, ଲୋଡିଂ, ଅନ୍‌ଲୋଡିଂ ଓ ଡମ୍ପିଂ ଦେୟ ପ୍ରଦାନ, ଶେଡ୍ ବ୍ୟବସ୍ଥା, ଜିଲା ଯୋଗାଣ ବିଭାଗ ପକ୍ଷରୁ ପରିଚୟପତ୍ର ପ୍ରଦାନ ଅନୁରୂପ ଦାବି କରାଯାଇଛି। ଶ୍ରମିକ ଆନ୍ଦୋଳନ ଯୋଗୁ ୩ ଦିନ ହେଲା ଚାଉଳ ସଂଗ୍ରହ କେନ୍ଦ୍ର ସମ୍ମୁଖରେ ଚାଉଳ ପଡ଼ିରହିଛି।

ଏ ନେଇ ଶ୍ରମିକ ଭଗବାନ ଦାସ ଓ କଣ୍ଢୁରି ରାଉତ କହିଛନ୍ତି, ଏକ କୁଇଣ୍ଟାଲ ଚାଉଳ ବୋହିଲେ ଆମକୁ ଠିକାଦାର ୧୯ ଟଙ୍କା ୫୬ ପଇସା ଦେବାର ନିୟମ ରହିଛି। ତେବେ ଆମକୁ କୁଇଣ୍ଟାଲ ପିଛା ୧୨ଟଙ୍କା ଦିଆଯାଉଛି। ଆମ ପାରିଶ୍ରମିକ ଅର୍ଥକୁ ଠିକାଦାର ଲୁଟ୍ କରି ଚାଲିଛନ୍ତି। ଠିକାଦାର ଚାଉଳ ସଂଗ୍ରହ କେନ୍ଦ୍ରକୁ ଆସୁନାହାନ୍ତି। ତାଙ୍କ ଅନୁଗତ ଆସି ଆମ ଉପରେ ଜୁଲମ କରୁଛନ୍ତି। ପ୍ରତିବାଦ ଓ ଅଭିଯୋଗ କଲେ କାର୍ଯ୍ୟରୁ ବାହାର କରିଦେବେ ବୋଲି ଧମକ ଦେଉଛନ୍ତି। ଆମେ ଚାଉଳ ବୋହିବା ବେଳେ କୌଣସି ଦୁର୍ଘଟଣା ଘଟିଲେ ସରକାରୀ ସହାୟତା ମିଳୁନାହିଁ। ୨୮ ଫୁଟ ଉଚ୍ଚତାରେ ଚାଉଳ ଥୋଇଲାବେଳେ ଆମର ଜଣେ ଶ୍ରମିକ ପଡ଼ି ତାଙ୍କ ଅଣ୍ଟା ଭାଙ୍ଗିଯାଇଛି। ତାଙ୍କୁ ସରକାରୀ ଓ ବେସରକାରୀ ସ୍ତରରେ ସହାୟତା ମିଳିଲା ନାହିଁ। ଇପିଏଫ୍ ଓ ଇଏସ୍ଆଇ ନ ଥିବାରୁ ଆମେ ସବୁବେଳେ ହଇରାଣ ହୋଇଆସୁଛୁ। ପୁଣି ଚାଉଳ ସଂଗ୍ରହ କେନ୍ଦ୍ରରେ ସର୍ବନିମ୍ନ ସୁବିଧା ନାହିଁ ବୋଲି ଜିଲାପାଳଙ୍କୁ ଜଣାଇଛୁ।

## ମିଲରଙ୍କ ରେଟ୍ ବଢ଼ାଇ ଫସିଲେ ଠିକାଦାର

ମିଲରଙ୍କ ରେଟ୍ ବଢ଼ାଇ ଠିକାଦାରଙ୍କ ଅନୁଗତ ତାଙ୍କୁ ହରଡ଼ଘଣାରେ ପକାଇ ଦେଇଛନ୍ତି। ଠିକାଦାର ଅନୁଗତ, ଶ୍ରମିକ ଆନ୍ଦୋଳନର ରୂପ ନେଇ ଠିକାଦାରଙ୍କ ବିରୋଧରେ ଯିବା ପରେ ଚିନ୍ତା ବଢ଼ିଛି। ଦରକାର ପଡ଼ିଲେ ଠିକାଦାର ବ୍ଲାକ୍ ଲିଷ୍ଟ ହୋଇପାରନ୍ତି। ଚାଷୀଙ୍କଠାରୁ ପ୍ୟାକ୍ସ ଯୋଗେ ସରକାର ୨୦୨୩-୨୪ ଆର୍ଥିକ ବର୍ଷରେ କିଣିଥିବା ଧାନକୁ ଚାଉଳ କରି ଜିଲାର ୧୫ ମିଲର ଚାଉଳ ସଂଗ୍ରହ କେନ୍ଦ୍ରକୁ ଆଣୁଛନ୍ତି। ମିଲରଙ୍କଠାରୁ ଚାଉଳ ସଂଗ୍ରହ କରିବାକୁ ଓଡ଼ିଶା ଯୋଗାଣ ନିଗମର କାନକଟା ଓ କଦଳୀବନ୍ଧ ଚାଉଳ ସଂଗ୍ରହ କେନ୍ଦ୍ର, ଗୋଡିସାହିର ନୟାଗଡ଼ ଯୋଗାଣ ନିଗମ ରହିଛି। ମିଲର ଚାଉଳ ନେଇ ଗୋଦାମ ବାରଣ୍ଡାରେ ରଖିବେ। ଘରୁ ଠିକାଦାର ଚାଉଳ ନେଇ ଗୋଦାମରେ ରଖିବ। ଘରୁ ଚାଉଳ ଗୋଦାମରେ ରଖିବା ଖର୍ଚ୍ଚ ଠିକାଦାର ବହନ କରିବାର ନିୟମ ରହିଛି। ମିଲରମାନେ ଠକାଦାରଙ୍କୁ ଏକ ଲଟ୍(୨୯୦ କୁଇଣ୍ଟାଲ) ପିଛା ୧ ହଜାର ୪୦ ଟଙ୍କା ଦେଉଥିଲେ। ତେବେ ଠିକାଦାର ନିଜେ ନ ଆସି ୨ ମିଲର ଓ ଜଣେ ଏଲୱାନ୍ କଣ୍ଟ୍ରାକ୍ଟରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ୨ ମିଲର ଓ ଏଲୱାନ୍ କଣ୍ଟ୍ରାକ୍ଟର ଶ୍ରମିକମାନଙ୍କୁ କାମରେ ଲଗାଇଥିଲେ। ହେଲେ ଜୁଲାଇରେ ୨ ମିଲର ଓ ଏଲ ୱାନ କଣ୍ଟ୍ରାକ୍ଟର ସବୁ ମିଲରଙ୍କୁ କହିଲେ ୧ ହଜାର ୪୦ ଟଙ୍କା ବଦଳରେ ୧୫୦୦ ଟଙ୍କା ନ ଦେଲେ ବାରଣ୍ଡାରୁ ଚାଉଳ ଗୋଦାମରେ ରହିପାରିବ ନାହିଁ। ମିଲର ଅରାଜି ହେବା ପରେ ଦୁଇ ମିଲର ଓ ଏଲ ୱାନ୍ କଣ୍ଟ୍ରାକ୍ଟରଙ୍କ ମଧରେ ପାଟିତୁଣ୍ଡ ଦେଖାଦେଇଥିଲା। ପାଟିତୁଣ୍ଡ ଯୋଗୁ ପ୍ରାୟ ୩ ଦିନ ହେଲା ଚାଉଳ ଗୋଦାମ ଭିତରକୁ ଯାଇପାରି ନ ଥିଲା। ଫଳରେ ବର୍ଷାରେ ଚାଉଳ ବାରଣ୍ଡାରେ ପଡ଼ିରହିଛି।

## ବ୍ଲାକ୍ ଲିଷ୍ଟ ହୋଇପାରନ୍ତି ଠିକାଦାର

ଶ୍ରମିକମାନେ ଜିଲାପାଳଙ୍କୁ ଫେରାଦ୍ ହେବା ପରେ ଓଡ଼ିଶା ଯୋଗାଣ ନିଗମର କାନକଟା, କଦଳୀବନ୍ଧ ଚାଉଳ ସଂଗ୍ରହ କେନ୍ଦ୍ର ଓ ଗୋଡିସାହିର ନୟାଗଡ଼ ଯୋଗାଣ ନିଗମ ପାଇଁ ନିୟୋଜିତ ଠିକାଦାର ହରଡ଼ଘଣାରେ ପଡ଼ିବାକୁ ଯାଉଛନ୍ତି। ଠିକାଦାରଙ୍କ ଶ୍ରମିକମାରଣ ନୀତି ଓ ଚାଉଳ ସଂଗ୍ରହ କେନ୍ଦ୍ରରେ ଅବ୍ୟବସ୍ଥା କରୁଥିବା ଜାଣିବା ପରେ ବ୍ଲାକ୍ ଲିଷ୍ଟ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଶ୍ରମିକମାନଙ୍କୁ ସହଯୋଗ କରୁଥିବା ଆଇନଜୀବୀ ସୌମ୍ୟରଞ୍ଜନ ପ୍ରଧାନ କହିଛନ୍ତି, ଶ୍ରମିକଙ୍କ ଅସୁବିଧା ଜାଣିବା ପରେ ଜିଲାପାଳ ଏହାକୁ ଗୁରୁତର ସହ ନେଇ ଠିକାଦାରଙ୍କୁ ବ୍ଲାକ୍ ଲିଷ୍ଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଶ୍ରମିକଙ୍କ ସମସ୍ୟା ସମାଧାନ କରିବାକୁ କହିଛନ୍ତି। ଜିଲା ଯୋଗାଣ ଅଧିକାରୀ ବ୍ରଜବନ୍ଧୁ ମହାନ୍ତିଙ୍କୁ ପଚାରିବାରେ ଚାଉଳ ସଂଗ୍ରହ କେନ୍ଦ୍ରରେ ବିଭିନ୍ନ ଅସୁବିଧା, ଠିକାଦାରଙ୍କ ଚଞ୍ଚକତା ନେଇ ଅଭିଯୋଗ ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଚିଠି କରାଯାଇଛି। ଠିକାଦାର ଏହାର ସମାଧାନ ତୁରନ୍ତ ନ କଲେ ବ୍ଲାକ୍ ଲିଷ୍ଟ କରିବାକୁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ନିଆଁ ଲାଗି କଲର ଲ୍ୟାବ୍ ପୋଡ଼ିଗଲା



ଖଣ୍ଡପଡ଼ା,୫।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି-ଖଣ୍ଡପଡ଼ା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାପାର୍ଶ୍ୱ ଦୁର୍ଗା ବଜାରରେ ଥିବା ଏକ କଲର ଲ୍ୟାବ୍, ଫ୍ଲେକ୍ସ ୟୁନିଟ୍‌ରେ ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ଶୁକ୍ରବାର ସକାଳ ୮ଟାରେ ନିଆଁଲାଗି ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାଯାଇଛି। ଏହି ୟୁନିଟ୍ ମଧରେ ଥିବା ୩ଟି କମ୍ପ୍ୟୁଟର, ଫ୍ଲେକ୍ସ ପ୍ରିଣ୍ଟିଂ ମେଶିନ ସମେତ ଆନୁଷଙ୍ଗିକ ସାମଗ୍ରୀମାନ ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଖଣ୍ଡପଡ଼ା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କଲାବେଳକୁ ସବୁକିଛି ପୋଡ଼ି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡଜନିତ କ୍ଷୟକ୍ଷତିର ପରିମାଣ ଆନୁମାନିକ ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ, କିଆଝରି ଗ୍ରାମ ଉପରସାହିର ବାସିନ୍ଦା ଜ୍ୟୋତିରଞ୍ଜନ ସାହୁ ଖଳିସାହି ଦୁର୍ଗା ବଜାରରେ ଏକ ଭଡ଼ାଘରେ ନିଜର କଲର ଲ୍ୟାବ୍ କରି ପରିବାର ପ୍ରତିପୋଷଣ କରୁଥିଲେ। ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

# ଓଡ଼ଗାଁରେ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ

ଓଡ଼ଗାଁ, ୫।୭ (ଆଦର୍ଶ କୁମାର ପଟ୍ଟନାୟକ)




ରାଷ୍ଟ୍ରୀୟ ହିନ୍ଦୁ ସେନା ପକ୍ଷରୁ ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ ଲାଗି ନିଆଯାଉଛି।

ନୟାଗଡ଼ ଜିଲା ଓଡ଼ଗାଁ ରଘୁନାଥ ଜୀଉଙ୍କ ମନ୍ଦିର ଝୁଲଣ ମଣ୍ଡପ ସାମ୍ନାରେ ରାଷ୍ଟ୍ରୀୟ ହିନ୍ଦୁ ସେନା ଓଡ଼ଗାଁ ପକ୍ଷରୁ ଶୁକ୍ରବାର ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। କେନ୍ଦ୍ରରେ ଏନଡିଏର ଭାଜପା ସରକାର ହେବା ପରେ ଲୋକସଭାରେ କଂଗ୍ରେସରୁ ରାହୁଲ ଗାନ୍ଧୀ ବିରୋଧୀ ଦଳର ନେତା ହୋଇଛନ୍ତି। ରାଷ୍ଟ୍ରପତିଙ୍କ ଭାଷଣ ଉପରେ ସଂସଦରେ ଆଲୋଚନା ଚାଲିଥିବା ବେଳେ ରାହୁଲ ହିନ୍ଦୁମାନଙ୍କୁ ହିଂସୁକ ଓ ଆତଙ୍କବାଦୀ ବୋଲି ବାରମ୍ବାର କହିଥିବାରୁ ଏହାକୁ ବିରୋଧ କରାଯାଇଛି। ଓଡ଼ଗାଁ ରାଷ୍ଟ୍ରୀୟ ହିନ୍ଦୁସେନା ପ୍ରମୁଖ ସୁଶାନ୍ତ ସାହୁଙ୍କ ନେତୃତ୍ୱରେ କାର୍ତ୍ତିକ ପଣ୍ଡା, ହିମାଦ୍ରୀ କୁମାର ମହାରଣା, ସନ୍ତୋଷ ପ୍ରଧାନ, ମାନସ ସାହୁ, ସମ୍ବିତପ୍ରଧାନ, ସତ୍ୟଜିତସାହୁ, ଗନ୍ଧର୍ବପଣ୍ଡା, ସୋମନାଥ ବେହେରା, ଅଜୟ ମହାନ୍ତି, ବିଷ୍ଣୁ ପାଣିଗ୍ରାହୀ, ଟିଙ୍କିନା ପାତ୍ର, ମୀରା ସାହୁ ଏବଂ ଅନ୍ୟମାନେ ସମ୍ମିଳିତ ହୋଇ ରାହୁଲଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

# ବିଧାୟକଙ୍କ ଏନ୍ଏସି କାର୍ଯ୍ୟାଳୟ ପରିଦର୍ଶନ, ଚାରାରୋପଣ



ଖଣ୍ଡପଡ଼ା,୫।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଶୁକ୍ରବାର ଖଣ୍ଡପଡ଼ା ଏନ୍ଏସି କାର୍ଯ୍ୟାଳୟକୁ ପରିଦର୍ଶନରେ ଆସି ସହରାଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ଏନ୍ଏସି ଅଧକ୍ଷା ଆରତୀ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ, କର୍ମଚାରୀ ଓ କାଉନ୍‌ସିଲରମାନେ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପରେ ପଠାଣିସାମନ୍ତ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ସାଧାରଣ ସଭାରେ ଅଧକ୍ଷା ଓ ବିଧାୟକଙ୍କ ଉପସ୍ଥିତିରେ ସହରର ସାମଗ୍ରିକ ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ଖଣ୍ଡପଡ଼ା ସହରର ବିକାଶ ପାଇଁ ସମ୍ପୂର୍ଣ୍ଣ ରୂପେ ସହଯୋଗ କରିବେ ବୋଲି ବିଧାୟକ ସ୍ୱାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ସାମାଜିକ କର୍ମୀ ବିଧାନ ଚନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ୨ଶହରୁ ଉର୍ଦ୍ଧ୍ୱ ମହିଳା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବିଧାୟକ, ଅଧକ୍ଷା ଓ ଏନ୍ଏସି କର୍ମଚାରୀମାନେ ମିଳିତ ଭାବେ ପ୍ରଭୁ ଶ୍ରୀବନ୍ଧବିମଳେଶ୍ୱର ପୀଠ ସମେତ କଲ୍ୟାଣ ମଣ୍ଡପ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଭାପୁର ବ୍ଲକ ଅଧକ୍ଷ ଗୟାଧର ପରିଡ଼ା, ଯୁବ ସଂଗଠକ ଚିତ୍ତରଞ୍ଜନ ମିଶ୍ର, ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଉଦିତ୍ କୁମାର ପ୍ରଧାନଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।

# ଗୁରୁତର ପୋଲିସ ଜିପ୍ ଚାଳକଙ୍କ ମୃତ୍ୟୁ

ଗୋପାଳପୁର,୫।୭(ନବୀନ ରାଜ ଆଚାରୀ):

ଗତ ୨୬ ତାରିଖରେ ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ଢ଼ାବା ସାମ୍ନା ୧୬ନଂ ଜାତୀୟ ରାଜପଥରେ ଗାଡି ଧକ୍କାରେ ଗୁରୁତର ପୋଲିସ ଜିପ ଚାଳକ ଶ୍ରୀପତି କାର୍ଜିଙ୍କ ଶୁକ୍ରବାର ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଶ୍ରୀପତି ବ୍ରହ୍ମପୁର ଗୋଶାଣୀନୂଆଗାଁ ଥାନାରେ ଜିପ ଚାଳକ ଭାବେ କାର୍ଯ୍ୟରତ ଥିଲେ। ୨୬ ତାରିଖ ରାତିରେ ବାଇକରେ ଘରକୁ ଫେରୁଥିବା ବେଳେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଗୋଳନ୍ଥରା ଥାନାରେ ମାମଲା ରୁଜୁ କରାଯିବା ସହ ଘଟଣାର ତଦନ୍ତ ଜାରୀ ରହିଥିବା ତଦନ୍ତ ଅଧିକାରୀ ଗୁଣନିଧି ରାଉତ ସୂଚନା ଦେଇଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଆକାଶ



@ ଅନିଲ



@ ଅମରେନ୍ଦ୍ର



@ ବିକାଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୪ ବନ୍ଧୁକ ଜବତ: ଜଣେ ଗିରଫ

ଦଶପଲ୍ଲା,୫।୭ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଆଦିବାସୀବହୁଳ କଙ୍କଣମେଣ୍ଡି ଅଞ୍ଚଳରେ ଗୁରୁବାର ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୪ଟି ବନ୍ଧୁକ ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ରଞ୍ଜନ ମହାଲିକ(୨୭)। ତାଙ୍କଠାରୁ ଗୋଟିଏ ବନ୍ଧୁକ ଜବତ କରାଯାଇଥିବା ବେଳେ ଆଖପାଖ ଅଞ୍ଚଳରୁ ଆଉ ୩ଟି ବନ୍ଧୁକ ଜବତ କରାଯାଇଥିବା ବନ ବିଭାଗ ପକ୍ଷରୁ ଜଣାଯାଇଛି। ଉକ୍ତ ଅଞ୍ଚଳରେ ଚୋରାବନ୍ଧୁକ ଥିବା ଖବର ମିଳିଥିଲା। ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ଦଶପଲ୍ଲା ରେଞ୍ଜର ସୁଦର୍ଶନ ଦେହୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନ କର୍ମଚାରୀମାନେ ଚଢ଼ାଉ କରି ତାହାକୁ ଜବତ କରିଥିଲେ। ଏ ସମ୍ପର୍କରେ ଓଆର୍‌କେ ନଂ.୭/୨୪-୨୫ରେ ଏକ ମାମଲା ରୁଜୁ ହୋଇଛି। ଶୁକ୍ରବାର ଏସିଏଫ୍ ହିମାନୀ ନାୟକ ଗିରଫ ଅଭିଯୁକ୍ତଙ୍କୁ ଦଶପଲ୍ଲା କୋର୍ଟକୁ ଚାଲାଣ କରିଥିବା ବନବିଭାଗ ସୂତ୍ରରୁ ଜଣାଯାଇଛି।



# ବନ ମହୋତ୍ସବରେ ୨ଶହ ଚାରା ରୋପଣ



ନୟାଗଡ଼,୫।୭(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ପାଣିପଇଲା ନିକଟସ୍ଥ ମିଲେନିୟମ ଏକାଡେମୀ ପରିସରରେ ଭାରତ ବିକାଶ ପରିଷଦ ପକ୍ଷରୁ ଶୁକ୍ରବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ପରିଷଦର ଅଧକ୍ଷ ପ୍ରସନ୍ନ କୁମାର ବସନ୍ତିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମିଲେନିୟମ ଏକାଡେମୀ ପରିସରରେ ନିମ୍ବ, କରଞ୍ଜ, ଅଶୋକ, ଓଉ, ବାଦାମ, ପେସ୍ତା, ବଉଳ, ଜାମୁ ଓ ମେହଗାନି ଆଦି ଗଛର ୨୦୦ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିମ୍ବ ଚାରା ଲଗାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ମିଲେନିୟମ ଏକାଡେମୀର ଚେୟାରମ୍ୟାନ ବସନ୍ତ କୁମାର ସାହୁଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଗୋଟିଏ ଗୋଟିଏ ଚାରା ଲଗାଇ ତା'ର ଯତ୍ନ ନେବାକୁ ସଂକଳ୍ପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାରତ ବିକାଶ ପରିଷଦ ଓଡ଼ିଶା ପୂର୍ବ ପ୍ରାନ୍ତର ଉପସଭାପତି ଶ୍ରୀଧର ସାହୁ, ପ୍ରକୃତିବନ୍ଧୁ ତଥା ଗଛ ମଣିଷ ଅନାଦି ଚରଣ ମହାନ୍ତି, ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ଦୁର୍ଯ୍ୟୋଧନ ସାହୁ, ସେବା ସଚିବ ସୁବଳ ଚରଣ ବେହେରା, ହରେକୃଷ୍ଣ ସାହୁ, ଉଦ୍ୟନାଥ ସାହୁ, ସୁକାନ୍ତି ମହାନ୍ତି, ସୁକେଶ ଚନ୍ଦ୍ର ଶତ୍ରୁଶଲ୍ୟ, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ସଦସ୍ୟ ଯୋଗ ଦେଇଥିଲେ।

# ନୂଆଗାଁ ବ୍ଲକ୍‌ରେ ଭତ୍ତା କେଳେଙ୍କାରୀର ତଦନ୍ତ ସରିଲା

ନୂଆଗାଁ, ୫।୭ (ଧନେଶ୍ୱର ସାହୁ)

**ଭତ୍ତା ପାଇଁ ଆବଶ୍ୟକ ଡକ୍ୟୁମେଣ୍ଟ ଏଡିଟିଂ କରାଯାଉଥିବା ଅଭିଯୋଗ**

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ଭତ୍ତା କେଳେଙ୍କାରୀ କିଛିଦିନ ହେଲା ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ଭତ୍ତା ହାତେଇବା ପାଇଁ ନିର୍ଦ୍ଧାରୀତ ବୟସଠାରୁ କମ୍ ବୟସର ବ୍ୟକ୍ତିମାନେ ବିଭାଗୀୟ କିଛି କର୍ମଚାରୀ, ସେବାକେନ୍ଦ୍ର ଓ ଦଲାଲଙ୍କୁ ହାତେଇ ଆବଶ୍ୟକ କାଗଜପତ୍ର ଏଡିଟିଂ କରି ଭତ୍ତା ନେଉଥିଲେ। ଏ ନେଇ ମେ ୨୮ରେ ଧରିତ୍ରୀ ଖବରକାଗଜରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନର ତତ୍ପରତା ପ୍ରକାଶ ପାଇଥିଲା। ଉପଜିଲାପାଳ ଏକ ଟିମ୍ ଗଠନ କରି ଭତ୍ତା କେଳେଙ୍କାରୀର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ତଦନ୍ତ ସରିଛି। ତଦନ୍ତ ରିପୋର୍ଟ ଶୁକ୍ରବାର ଉପଜିଲାପାଳଙ୍କ ନିକଟରେ ଦାଖଲ କରାଯାଇଛି। ତେବେ ରିପୋର୍ଟ ଦାଖଲ ପରେ କେବେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନା ଏହାକୁ ଚାପି ଦିଆଯାଉଛି ସେଥିପ୍ରତି ସମସ୍ତଙ୍କ ନଜର ରହିଛି।

ନୂଆଗାଁ ବ୍ଲକରେ ଅନେକ ଅଯୋଗ୍ୟ ହିତାଧିକାରୀ ନିଜର ଆଧାରକାର୍ଡ, ଫଟୋ ପରିଚୟ ପତ୍ରରେ ନିଜର ବୟସ ବୃଦ୍ଧି କରିବା, ଆବଶ୍ୟକ କାଗଜପତ୍ର ଓ ନିଜର ଫଟୋ ଏଡିଟିଂ କରି ଭତ୍ତା ହାତେଇଛନ୍ତି। ଏପରିକି ବାପାଙ୍କୁ ୭୮ବର୍ଷ ହୋଇଥିବାବେଳେ ପୁଅର ବୟସ ୬୯ ବର୍ଷ କରି ଭତ୍ତା ହଡପ କରାଯାଇଛି। ବିଭାଗୀୟ କେତେଜଣ କର୍ମଚାରୀ, ସେବା କେନ୍ଦ୍ର ଓ ଦଲାଲଙ୍କୁ ୫ ହଜାରରୁ ୧୦ ହଜାର ପର୍ଯ୍ୟନ୍ତ ଟଙ୍କା ଦେଲେ ଅଯୋଗ୍ୟ ବ୍ୟକ୍ତି ମଧ ଭତ୍ତା ପାଇବା ସମ୍ଭବ ହୋଇପାରୁଥିଲା। ଏପରି କି କିଛି ସୁସ୍ଥ ସବଳ ଯୁବକ ମଧ ଭିନ୍ନକ୍ଷମ ପ୍ରମାଣ ପତ୍ର ଆଣି ଭତ୍ତା ପାଉଛନ୍ତି। ଏହି ଘଟଣାକୁ ନେଇ 'ଡକ୍ୟୁମେଣ୍ଟଏଡିଟିଂ କରି ଭତ୍ତା ହାତେଇବାକୁ ପ୍ରୟାସ' ଶୀର୍ଷକରେ ଧରିତ୍ରୀ ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲା ପ୍ରଶାସନ ତତ୍ପରତା ଦେଖାଇବା ସହ ତଦନ୍ତ କରିବା ଲାଗି ଉପଜିଲାପାଳ କର୍ଣ୍ଣଦେବ ସମାଦାର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀଙ୍କ ଅଧକ୍ଷତାରେ ନୂଆଗାଁ ବିଡିଓ ଓ ନୂଆଗାଁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନେଇ ଏକ ୩ ଜଣିଆ ଟିମ୍ ଗଠନ କରିଥିଲେ। ତଦନ୍ତ ପାଇଁ ଜୁନ ୨୧ ତାରିଖରେ ଚିଠି କରାଯାଇଥିବା ବେଳେ ତଦନ୍ତ ସାରି ଜୁଲାଇ ୫ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ନିର୍ଦ୍ଦେଶ ମୁତାବକ କାର୍ଯ୍ୟ ସରିଛି ବୋଲି ନୂଆଗାଁ ବିଡିଓ ବାସୁଦେବ ନାୟକ ସୂଚନା ଦେଇଛନ୍ତି। ତଦନ୍ତ ରିପୋର୍ଟ ଦାଖଲ ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ସମାଦାର କହିଛନ୍ତି।

